ସାପ୍ତାହିକ

# ସ୍ୱୀକାର

Postal Regd. No.: SBP/RN-01/2022-2024

The Sweekar स्वीकार

www.sweekarweekly.com

ପ୍ରତିଷ୍ଠାତା ସମ୍ପାଦକ : ୰ ଶରତ ନାରାୟଣ ବେହେରା

RNI No. 66443/94


Vol.27 | Issue - 1 | 1 - 7 January 2023 | Sambalpur | Page- 8 | Invitation Price Rs.10




## ନବବର୍ଷ-୨୦୨୩ ଅବସରରେ ବାର୍ତ୍ତା

ନବବର୍ଷ-୨୦୨୩ ଅବସରରେ ମୁଁ ରାଜ୍ୟବାସୀ ସମସ୍ତଙ୍କୁ ହାର୍ଦ୍ଦିକ ଶୁଭେଚ୍ଛା ଓ ଆନ୍ତରିକ ଅଭିନନ୍ଦନ ଜଣାଉଛି । ନୂତନ ବର୍ଷ ରାଜ୍ୟବାସୀଙ୍କ ଜୀବନରେ ହସ, ଖୁସି, ଶାନ୍ତି ଓ ସମୃଦ୍ଧି ଭରିଦେଉ, ଏତିକି କାମନା । ରାଜ୍ୟକୁ ଦେଶର ଏକ ଶ୍ରେଷ୍ଠ ରାଜ୍ୟରେ ପରିଣତ କରିବା ପାଇଁ ସମସ୍ତେ ନିଜ ନିଜ ସ୍ତରରେ ନିଷ୍ଠାପର ପ୍ରୟାସ ଜାରି ରଖିବାକୁ ମୁଁ ଆହ୍ୱାନ ଜଣାଉଛି ।

ଗଣେଶୀ ଲାଲ
(ଗଣେଶୀ ଲାଲ)
ମାନ୍ୟବର ରାଜ୍ୟପାଳ, ଓଡ଼ିଶା



## ନବବର୍ଷ-୨୦୨୩ ଅବସରରେ ବାର୍ତ୍ତା

ଇଂରାଜୀ ନବବର୍ଷ ୨୦୨୩ ଅବସରରେ ରାଜ୍ୟବାସୀ ଭାଇଭଉଣୀମାନଙ୍କୁ ମୋର ହାର୍ଦ୍ଦିକ ଶୁଭେଚ୍ଛା ଏବଂ ଅଭିନନ୍ଦନ ।

ନବବର୍ଷ ଆପଣମାନଙ୍କ ପାଇଁ ନୂଆ ସମ୍ଭାବନା ଓ ଆଶା-ଆକାଂକ୍ଷାର ବର୍ଷ ହେଉ । ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଅପାର କରୁଣାରୁ ଆପଣଙ୍କ ପରିବାରରେ ସୁଖ, ଶାନ୍ତି ଓ ସମୃଦ୍ଧି ଭରି ଉଠୁ ଏହାହିଁ ମୋର କାମନା ।

ପ୍ରଦିପ କୁମାର ଅମାତ
(ପ୍ରଦିପ କୁମାର ଅମାତ)
ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ, ପଞ୍ଚାୟତିରାଜ ଓ ପାନୀୟଜଳ
ଏବଂ
ସୂଚନା ଓ ଲୋକସମ୍ପର୍କ ମନ୍ତ୍ରୀ, ଓଡ଼ିଶା




## ମୁଖ୍ୟମନ୍ତ୍ରୀଙ୍କ ନୂଆବର୍ଷର ଶୁଭେଚ୍ଛା

ନୂଆବର୍ଷ ୨୦୨୩ ଅବସରରେ ଓଡ଼ିଶାବାସୀଙ୍କୁ ମୋର ଶୁଭେଚ୍ଛା ଜଣାଉଛି । ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଆଶୀର୍ବାଦରୁ ନୂଆବର୍ଷ ସମସ୍ତଙ୍କ ପାଇଁ ମଙ୍ଗଳମୟ ହେଉ ।

ଓଡ଼ିଶା ପାଇଁ ଶାନ୍ତି ଓ ସମୃଦ୍ଧିର ବର୍ଷ ହେଉ ।

— ଜୟ ଜଗନ୍ନାଥ —

ନବୀନ ପଟ୍ଟନାୟକ
ମୁଖ୍ୟମନ୍ତ୍ରୀ, ଓଡ଼ିଶା

## ଶ୍ରଦ୍ଧାଞ୍ଜଳି



'ପଶ୍ଚିମ ଓଡ଼ିଶାର ଗାନ୍ଧୀ' ରୂପେ ପରିଚିତ ପ୍ରବୀଣ ସ୍ୱାଧୀନତା ସଂଗ୍ରାମୀ ନୃସିଂହ ଗୁରୁଙ୍କ ୩୯ତମ ଶ୍ରାଦ୍ଧବାର୍ଷିକୀ ଅବସରରେ 'ସ୍ୱୀକାର' ସଶ୍ରଦ୍ଧ ଶ୍ରଦ୍ଧାଞ୍ଜଳି ଜଣାଉଛି ।

## ନବବର୍ଷର ହାର୍ଦ୍ଦିକ ଅଭିନନ୍ଦନ

'ସ୍ୱୀକାର' ତାର ଅଗଣିତ ପାଠକପାଠିକା, ବିଜ୍ଞାପନଦାତା, ଶୁଭେଚ୍ଛୁ ତଥା ଜନସାଧାରଣଙ୍କୁ ନବବର୍ଷର ଅଭିନନ୍ଦନ ଜଣାଉଛି ।
ନୂତନ ବର୍ଷ ସମସ୍ତଙ୍କ ପାଇଁ
ସୁଖମୟ ଓ ସମୃଦ୍ଧିର ବର୍ଷ ହେଉ ।

ହେମନ୍ତ କୁମାର ମହାପାତ୍ର
ସଂପାଦକ


୭ ପୃଷ୍ଠାରେ..



ସ୍ତନ କର୍କଟରୁ ରକ୍ଷା କରିବ ଚେରୀ ଜୁସ୍


ସୁସ୍ଥ ରଖିବ ସଜନା ଶାଗ


ସ୍ୱାସ୍ଥ୍ୟବର୍ଦ୍ଧକ ସପୁରୀ


ହଳଦିର ହଜାରେ ଗୁଣ


ଡାଇବେଟିସ୍ ପାଇଁ କଳା ଜିରା


ଅଁଳାର ଉପକାରିତା

# ଲୋକ ସଂଗୀତ ସଂକୀର୍ତ୍ତନକୁ ସଂଗୀତ ନାଟକ ଏକାଡେମିର ଅବହେଳା

ଭୁବନେଶ୍ୱର : ୧୯୭୦ ମସିହାରୁ ୨୦୨୨ ମସିହା ପର୍ଯ୍ୟନ୍ତ ଦୀର୍ଘ ୫୨ ବର୍ଷ ବିତି ଯାଇଥିଲେ ମଧ ସଂକୀର୍ତ୍ତନ ଲୋକକଳାକୁ ଏକାଡେମୀ ପୁରସ୍କାର ଦିଆଯାଇ ନାହିଁ । ୫୦୦ରୁ ଉର୍ଦ୍ଧ୍ୱ ଏକାଡେମୀ ପୁରସ୍କାର ପାଇସାରିଲେଣି । ତନ୍ମଧ୍ୟରୁ ୩୨ ଜଣ କବି ସମ୍ରାଟ ଉପେନ୍ଦ୍ର ଭଞ୍ଜ ପୁରସ୍କାର ପାଇଛନ୍ତି । ରାଜ୍ୟରେ ୪୭୧ ପ୍ରକାର ପାରମ୍ପରିକ ଲୋକକଳା ରହିଥିଲେ ମଧ ସମସ୍ତ କଳାକୁ ଓଡ଼ିଶା ସଂଗୀତ ନାଟକ ଏକାଡେମି ସ୍ୱୀକୃତି ଦେଉ ନାହିଁ । ରାଜ୍ୟର ପ୍ରତ୍ୟେକ ଗ୍ରାମରେ ସଂକୀର୍ତ୍ତନ କଳାକାରମାନେ ରହିଥିବାରୁ ଏହି କଳାକୁ ଏକାଡେମି ସ୍ୱୀକୃତି ଦେଇ ପୁରସ୍କାର ପ୍ରଚଳନ କରିବାକୁ ବିଭିନ୍ନ ସମୟରେ ବିଭିନ୍ନ ସଂଗଠନ ପକ୍ଷରୁ ରାଜ୍ୟ ସରକାରଙ୍କ ନିକଟରେ ଦାବି କରାଯାଇଥିଲେ ମଧ ସରକାର ଏଥିପ୍ରତି ଦୃଷ୍ଟି ଦେଉ ନାହାନ୍ତି । ଜାତୀୟସ୍ତରରେ, ରାଜ୍ୟସ୍ତରରେ ସଂକୀର୍ତ୍ତନ ମହୋତ୍ସବ ହୋଇଛି । ସଂଗୀତ ନାଟକ ଏକାଡେମୀ ଦ୍ୱାରା, ସଂସ୍କୃତି ବିଭାଗ ଦ୍ୱାରା ଆଜାଦିକା ଅମୃତ ମହୋତ୍ସବ, ମହାତ୍ମା ଗାନ୍ଧୀଙ୍କ ୧୫୨ ତମ ଜନ୍ମ ଜୟନ୍ତୀ, ସଂକୀର୍ତ୍ତନ କଳାକାରମାନଙ୍କ ଦ୍ୱାରା ରାମଧୂନ ଶୋଭାଯାତ୍ରା, ଭୁବନେଶ୍ୱର ଉତ୍କଳ ମଣ୍ଡପରେ ପାଳନ କରାଗଲା ଓ ସମଗ୍ର ଜିଲ୍ଲାରେ ସଂକୀର୍ତ୍ତନ ମାଧ୍ୟମରେ ପାଳନ କରାଗଲା । ଏତଦ୍ ବ୍ୟତୀତ ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ଉଦ୍‌ଘାଟିତ ଅହିଂସା ରଥକୁ ସାରା ଓଡ଼ିଶା ପରିକ୍ରମାରେ ସଂକୀର୍ତ୍ତନ କଳାକାରମାନଙ୍କ ଦ୍ୱାରା ରାମଧୂନ ପୂର୍ବକ ସ୍ୱାଗତ ପରିକ୍ରମା କରାଯାଇଅଛି । ଏପରିସ୍ଥଳେ ସଂକୀର୍ତ୍ତନକୁ ଏକାଡେମୀ ପୁରସ୍କାର ରୁ ବାଦ୍ ଦିଆଯିବା ଘଟଣା ରାଜ୍ୟର ସଂକୀର୍ତ୍ତନ କଳାକାରଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ସୃଷ୍ଟି କରିଛି ।

# ଅବସର ପ୍ରାପ୍ତ ଶିକ୍ଷକ ସଂଗଠନ ବୈଠକ

ସମ୍ବଲପୁର : ଅବସର ପ୍ରାପ୍ତ ଶିକ୍ଷକ ସଂଗଠନର କାର୍ଯ୍ୟକାରୀ କମିଟିର ଏକ ବୈଠକ ଶ୍ରୀ ହୀରାଲାଲ ବାରିକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ସଭା ପ୍ରାରମ୍ଭରେ ଗତ ଦୁଇବର୍ଷ କରୋନା ମହାମାରୀ ସମୟରେ ପ୍ରାଣ ହରେଇଥିବା ବନ୍ଧୁମାନଙ୍କ ପାଇଁ ଶୋକ ପ୍ରସ୍ତାବ ଗୃହୀତ ହୋଇଥିଲା । ସଂଗଠନର ସମ୍ପାଦକ ଶ୍ରୀ ରାଜେନ୍ଦ୍ର କୁମାର ପଣ୍ଡାଙ୍କ ଦ୍ୱାରା ଆଗତ ବିଗତ ବର୍ଷର ବିବରଣୀ ଓ ଆର୍ଥିକ ହିସାବ ଅନୁମୋଦିତ ହୋଇଥିଲା । ସଂଗଠନର ପଞ୍ଜିକରଣ ସହ ବିଗତ ଦିନ ମାନଙ୍କରେ ଅବସର ଗ୍ରହଣ କରିଥିବା ଶିକ୍ଷକମାନଙ୍କୁ ସଭ୍ୟଭୁକ୍ତ କରବାକୁ ସ୍ଥିର ହୋଇଥିଲା । ସରକାର ତଥା ସମ୍ବଲପୁର ପବ୍ଲିକ ଲାଇବ୍ରେରୀ ତରଫରୁ ଗୁଣାତ୍ମକ ଶିକ୍ଷାର ବିକାଶ ପାଇଁ ନିଆଯାଉଥିବା କାର୍ଯ୍ୟକ୍ରମ ମାନଙ୍କରେ ସଂଗଠନ ନିସର୍ତ୍ତ ସହଯୋଗ କରବାକୁ ପ୍ରସ୍ତାବ ଗୃହୀତ ହୋଇ ଆଗାମୀ ଜାନୁଆରୀ ଦ୍ୱିତୀୟ ସପ୍ତାହରେ ଏକ ବନ୍ଧୁମିଳନ ପାଇଁ ପ୍ରସ୍ତାବ ନିଆଯାଇଥିଲା । ଆଲୋଚନା ରେ ଅନ୍ୟମାନଙ୍କ ମଧ୍ୟରେ ଶ୍ରୀ ତ୍ରିଲୋଚନ ସାହୁ, ସନ୍ତୋଷ ମିଶ୍ର,ସଜନ ବଡ଼ପଣ୍ଡା, ପଞ୍ଚାନନ ତ୍ରିପାଠୀ, ପ୍ରସନ୍ନ ମିଶ୍ର, ରଘୁନାଥ ନାୟକ ଓ ନରସିଂହ ମିଶ୍ର ପ୍ରମୁଖ ଅଂଶ ଗ୍ରହଣ କାରିଥିଲେ । ଶେଷରେ ଶ୍ରୀ ଉଦିତ ପ୍ରସାଦ ପାଟଯୋଶୀ ଧନ୍ୟବାଦ ଅର୍ପଣ କରିଥିଲେ ।

# ଶୀତ କାଳୀନ ଚତୁର୍ଦ୍ଦିବସୀୟ ଦିବ୍ୟ ଶିଶୁ ଶିବିର

ସମ୍ବଲପୁର: ପ୍ରଜାପିତା ବ୍ରହ୍ମ କୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ ପକ୍ଷରୁ ଚାରି ଦିନଧରି ଶୀତ କାଳୀନ ଚତୁର୍ଦ୍ଦିବସୀୟ ଦିବ୍ୟ ଶିଶୁ ଶିବିର ପାବନ ସରୋବରରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ ୧୦ ବର୍ଷ ରୁ ୧୫ବର୍ଷ ମଧ୍ୟରେ ୫୫ଜଣ ଶିଶୁ ଯୋଗ ଦେଇଥିଲେ । ଉଦ୍‌ଘାଟନୀ ଉତ୍ସବରେ ଅନୁଷ୍ଠାନର ପଶ୍ଚିମ ଓଡ଼ିଶା ନିର୍ଦ୍ଦେଶିକା ରାଜ ଯୋଗିନୀ ପାର୍ବତୀ ଦିଦିଜୀ ସମସ୍ତ ଦିବ୍ୟ ଶିଶୁଙ୍କୁ, ଆଧ୍ୟାତ୍ମିକ ଶିକ୍ଷକ, ଶିକ୍ଷୟିତ୍ରୀଙ୍କୁ ତଥା ଉପସ୍ଥିତ ଡାକ୍ତର, ଭଉଣୀଭାଇଙ୍କୁ ଆତ୍ମିକ ଦୃଷ୍ଟି ଦେଇ, ଶୁଭ ମନାସି କହିଲେ କି ଶିଶୁମାନଙ୍କର ଶାରୀରିକ ବିକାଶ ସଙ୍ଗେ ସଙ୍ଗେ ମାନସିକ, ବୌଦ୍ଧିକ ଓ ଆତ୍ମିକ ତଥା ସାମାଜିକ ବିକାଶ ହେବା ଅତ୍ୟନ୍ତ ପ୍ରୟୋଜନୀୟ । ସୁସ୍ଥ ମନ ପାଇଁ ସୁସ୍ଥ ସ୍ୱାସ୍ଥ୍ୟ ଓ ପବିତ୍ର ଭୋଜନର ଆବଶ୍ୟକତା ରହିଛି । ଭଗବାନଙ୍କ ଠାରେ ମନ ଲଗାଇଲେ ଆଧ୍ୟାତ୍ମିକଶକ୍ତି ବୃଦ୍ଧି ପାଏ ଓ ମନରୁ ଦୁଶ୍ଚିନ୍ତା ଦୂର ହୁଏ ।

# ପଞ୍ଚଦଶ ତମ ଦିବ୍ୟ ମିଳନ ପାଳିତ



ସମ୍ବଲପୁର: ଦିବ୍ୟ ଦର୍ଶନ ସଂଘ ପକ୍ଷରୁ ପଞ୍ଚଦଶ ତମ ଦିବ୍ୟ ମିଳନ ପାଳିତ ହୋଇଯାଇଛି । ଏହି ଦିବ୍ୟ ମିଳନ ସଭାରେ ପଶ୍ଚିମ ଓଡ଼ିଶାର ଦିବ୍ୟ ଦର୍ଶନର ସଦସ୍ୟ ଲକ୍ଷ୍ମଣ କୁମାର ପଟେଲ, ସମ୍ବଲପୁର ଦିବ୍ୟ ଦର୍ଶନ ସଂଘର ସଭାପତି ଗୋପୀନାଥ ଷଡଙ୍ଗୀ, ସଂପାଦକ ସୁଶାନ୍ତ ପଣ୍ଡା,ଦିବ୍ୟ ଦର୍ଶନ ସଦସ୍ୟ ବିଷ୍ଣୁ ପ୍ରସାଦ ପଟେଲ ଓ ଉପସଭାପତି ଶଙ୍କର୍ଷଣ ଆଚାର୍ଯ୍ୟ ମଞ୍ଚାସୀନ ଥିଲେ । କୁମାରୀ ସ୍ମୃତି ମିଶ୍ର ପ୍ରାରମ୍ଭିକ ସଙ୍ଗୀତ ଗାନ କଲାପରେ ଦୀକ୍ଷାର ଆବଶ୍ୟକତା, ଗୁରୁ ତତ୍ତ୍ୱ, ଭଗବାନଙ୍କ ଅନୁଭବ କରିବା କେମିତି ଓ ଧର୍ମ କ'ଣ ବିଷୟରେ ଆଲୋଚନା କରାଯାଇଥିଲା । ଏହି ଅବସରରେ ଶଙ୍କର୍ଷଣ ଆଚାର୍ଯ୍ୟଙ୍କ ଦୀକ୍ଷା ଦିବସ ପାଳନ ହେବା ସଙ୍ଗେ ସଙ୍ଗେ ଜ୍ଞାନ ଯଜ୍ଞ ଅନୁଷ୍ଠିତ ହୋଇଥିଲା । ଏହି କାର୍ଯ୍ୟକ୍ରମରେ ଜନ୍ମେଜୟ ବାବୁଙ୍କ ସମେତ ଅନେକ ପୁରୁଷ ମହିଳା ଯୋଗଦାନ କରିଥିଲେ ।

# ପାଲା ପରିଷଦର ବାର୍ଷିକ ସମ୍ମିଳନୀ କୁମେଲସିଂହାରେ ହେବ

ସମ୍ବଲପୁର: ଆସନ୍ତା ଜାନୁଆରୀ ୯ ଓ ୧୦ ତାରିଖ ଦିନ ସମଲେଶ୍ୱରୀ ପାଲା ପରିଷଦର ବାର୍ଷିକ ସମ୍ମିଳନୀ ଦଧିବାମନ ପାଲା ମଞ୍ଚ ଆନୁକୂଲ୍ୟରେ ବରଗଡ଼ ଜିଲ୍ଲାର କୁମେଲସିଂହା ଗ୍ରାମରେ ଅନୁଷ୍ଠିତ ହେବ । ଏହି ଅବସରରେ ପଶ୍ଚିମ ଓଡ଼ିଶାର ପ୍ରତ୍ୟେକ ଜିଲ୍ଲାର କର୍ମକର୍ତ୍ତା ନିର୍ବାଚନ ମଧ ଅନୁଷ୍ଠିତ ହେବ । ଯେଉଁ ଦଳ ପାଲା ପରିବେଷଣ ପାଇଁ ଇଛୁକ ସେମାନେ ଆଗରୁ ପରିଷଦକୁ ମୋ. ନଂ - ୯୯୩୮୦୪୦୨୮୬, ୯୫୮୩୮୩୯୯୨୧, ୯୯୩୭୩୨୮୩୧୪ରେ ଜଣେଇବାକୁ ପରିଷଦର ସଭାପତି ଶ୍ରୀ ରାଧେଶ୍ୟାମ ପଣ୍ଡା ଅନୁରୋଧ କରିଛନ୍ତି । ଡାକ୍ତର ଧନିରାମ ପାଣିଗ୍ରାହୀ (ଗାନ୍ଧୀ) ଏହି କାର୍ଯ୍ୟକ୍ରମର ମୁଖ୍ୟ ପୃଷ୍ଠପୋଷକ ରହିଛନ୍ତି ।

# ଗୁଗୁଲ ଫର ଇଣ୍ଡିଆ ୨୦୨୨

**ଡକ୍ଟର ପ୍ରଦୀପ ମହାପାତ୍ର**

ପ୍ରାକ୍ତନ ବିଭାଗୀୟ ମୁଖ୍ୟ, ସାମ୍ବାଦିକତା ବିଭାଗ

ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ

ଭାରତରେ ୨୦୨୨ ଶେଷ ସୁଦ୍ଧା ଅଗ୍ରଣୀ ଡ଼ିଜିଟାଲ ମଞ୍ଚ 'ଗୁଗୁଲ' ଆକଳନରେ ପ୍ରାୟ ସତୁରି କୋଟି ଜନସାଧାରଣ ଇଣ୍ଟରନେଟ ସଂଯୁକ୍ତ । କୁହାଯାଉଛି ଯେ ଦେଶର ଏଣିକି ପ୍ରତି ଦଶଜଣ ଇଣ୍ଟରନେଟ ଉପଭୋକ୍ତାଙ୍କ ମଧ୍ୟରେ ନଅ ଜଣ ଆଞ୍ଚଳିକ ଭାଷାରେ ଡିଜିଟାଲ ମଞ୍ଚ ବ୍ୟବହାର କରିବା ନିମନ୍ତେ ଆଗ୍ରହୀ । ଭାରତୀୟ ଅନଲାଇନ ଉପତ୍ୟକାରେ ବହୁ ସଂଖ୍ୟକ ଭାଷା ବ୍ୟବହାର ଆକାଂକ୍ଷାକୁ ଚ୍ରରିତାର୍ଥ କରିବା ନିମନ୍ତେ 'ଗୁଗୁଲ' ପକ୍ଷରୁ ଅଗ୍ରାଧିକାର ଦିଆଯାଉଥିବା ବିଶଦ ବିବରଣୀ ୨୦୨୨ ଡ଼ିସେମ୍ବର ଦ୍ୱିତୀୟାର୍ଦ୍ଧରେ ନୂଆଦିଲ୍ଲୀଠାରେ ଆୟୋଜିତ 'ଗୁଗୁଲ ଫର ଇଣ୍ଡିଆ'ର ଅଷ୍ଟମ ଅଧିବେଶନରେ କମ୍ପାନୀର ସିଇଓ ସୁନ୍ଦର ପିଚାଇ ଉପସ୍ଥାପନ କରିଥିଲେ । ଦେଶର ୭୭୩ ଜିଲ୍ଲାରେ କଥିତ ପ୍ରାୟ ଶହେରୁ ଉର୍ଦ୍ଧ୍ୱ ଭାଷାରେ ପାଠ୍ୟ ଓ ଶ୍ରାବ୍ୟ ବ୍ୟବହାର ନିମନ୍ତେ ସୁଯୋଗ ସୃଷ୍ଟି ନିମନ୍ତେ 'ଗୁଗୁଲ' ପକ୍ଷରୁ ଉଦ୍ୟମ ଆରମ୍ଭ କରାଯାଇଛି । କୃତ୍ରିମ ବୁଦ୍ଧିମତ୍ତା 'ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ' ଉପଯୋଗରେ ଗୋଟିଏ ଭାଷାରେ ପ୍ରସ୍ତୁତ ଉପାଦାନ କିପରି ନିର୍ବିଘ୍ନରେ ଅନ୍ୟ ଭାଷାଗୁଡ଼ିକୁ ଅନୁବାଦ ହୋଇପାରିବ ସେଦିଗରେ ଯୋଜନା ପ୍ରସ୍ତୁତ କରାଯାଇଛି । ଏଥିନିମନ୍ତେ ବାଙ୍ଗାଲୁରର 'ଇଣ୍ଡିଆନ ଇନଷ୍ଟିଚ୍ୟୁଟ ଅଫ ସାଇନ୍ସ'ର 'ପ୍ରୋଜେକ୍ଟ ବାଣୀ' ସହ 'ଗୁଗୁଲ' ଚୁକ୍ତି କରିଛି । ଭାରତ ସରକାରଙ୍କ 'ଭାଷିଣୀ' ପ୍ରକଳ୍ପରେ ଏହି ସୁଯୋଗ ଉପଲବ୍ଧ କରାଇବା କାର୍ଯ୍ୟକ୍ରମ ରହିଛି । 'ଗୁଗୁଲ' ପକ୍ଷରୁ କେତେଗୋଟି ନିର୍ବାଚିତ ଭାରତୀୟ ଭାଷାରେ ଅନୁବାଦ ସେବା ବହୁ ପୂର୍ବରୁ ଆରମ୍ଭ କରାଯାଇଛି । ସେଥିମଧ୍ୟରେ ଓଡ଼ିଆ ମଧ ଅନ୍ତର୍ଭୁକ୍ତ । ତେବେ ଇଂଲିଶରୁ ଓଡ଼ିଆ କିମ୍ବା ଓଡ଼ିଆରୁ ଇଂଲିଶ ତଥା ଅନ୍ୟାନ୍ୟ ଭାଷାରେ ଅନୁବାଦର ମାନ ନିମ୍ନସ୍ତରରେ ରହୁଥିବା ଅଭିଯୋଗ ହୋଇଆସୁଥିଲା । 'ପ୍ରୋଜେକ୍ଟ ବାଣୀ'ରେ ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ ଉପଯୋଗ କରାଯାଇ ଇଙ୍ଗମାନର ଅନୁବାଦ ସମ୍ଭବ ହେବା ଆଶା କରାଯାଉଛି । ଅତଏବ ନିକଟ ଭବିଷ୍ୟତରେ ଓଡ଼ିଆ ଭାଷାରେ ଅନଲାଇନ ମଞ୍ଚଗୁଡ଼ିକରେ ଉପଲବ୍ଧ ରଚନା ସମୂହ ଇଂଲିଶ, ହିନ୍ଦୀ, ବଙ୍ଗଳା, ତେଲୁଗୁ ତଥା ଅନ୍ୟାନ୍ୟ ଭାଷାଭାଷୀ ପାଠକ ଓ ଶ୍ରୋତା ନିଜ ଭାଷାରେ ଅନୁବାଦ ଉପରେ ନିର୍ଭର କରିପାରିବେ । ଏପରିକି ଓଡ଼ିଶାର ବିଭିନ୍ନ ପ୍ରାନ୍ତରେ ବ୍ୟବହୃତ କେତେକ ଉପ-ଭାଷାରେ ମଧ ଅନୁବାଦ ଉପଲବ୍ଧ ହେବ ।

'ପ୍ରୋଜେକ୍ଟ ବାଣୀ'ର ସଫଳ ରୂପାୟନ ଲାଗି 'ଗୁଗୁଲ' ପକ୍ଷରୁ 'ଇଣ୍ଡିଆ ଡ଼ିଜିଟାଇଜେସନ ଫଣ୍ଡ' ମାଧ୍ୟମରେ ପର୍ଯ୍ୟାପ୍ତ ନିବେଶ କରାଯିବ । ନୂତନ ଅନୁବାଦ ସଫଟୱେର ପ୍ରସ୍ତୁତିରେ 'ମେସିନ-ଲାର୍ଣ୍ଣିଂ' ବୈଷୟିକ କୌଶଳ ଉପଯୋଗ ଫଳରେ ଅନୁବାଦ ଦକ୍ଷତା ବହୁଗୁଣ ବଢ଼ିଯିବା ନିଶ୍ଚିତ । ଏହି ବିଭବ ଭାରତୀୟ ଆଞ୍ଚଳିକ ସାମ୍ବାଦିକତା ଓ ସାହିତ୍ୟ ପରିଧିରେ ନୂତନ ଅଧ୍ୟାୟ ସୃଷ୍ଟି କରିବ । ଓଡ଼ିଆ ଭଳି କୌଣସି ଆଞ୍ଚଳିକ ଭାଷାରେ ଉଚ୍ଚମାନର ସୃଜନ ପ୍ରକାଶିତ ହେଲେ ଯାନ୍ତ୍ରିକ ଅନୁବାଦ ହାତପାଆନ୍ତାରେ ଉପଲବ୍ଧ ହେବା ଫଳରେ ବିଶ୍ୱର ସମସ୍ତ ଭାଷାରେ ପ୍ରଭାବ ବିସ୍ତାର କରିବା ସମ୍ଭବ । ସେହିପରି ଓଡ଼ିଆ ପାଠକମାନେ ଆନ୍ତର୍ଜାତିକସ୍ତରର ଯେକୌଣସି କୃତୀ ଅନାୟସରେ ଓଡ଼ିଆ ଭାଷାରେ ଆହରଣ କରିବା ସୁବିଧା ପାଇପାରିବେ ।

ଭାରତରେ ଭାଷା ବୈଷମ୍ୟକୁ କେନ୍ଦ୍ର କରି ବିଭିନ୍ନ ସ୍ତରରେ ସଂଘର୍ଷ ଲାଗି ରହିଥାଏ । ଦେଶର ଅର୍ଦ୍ଧାଧିକ ନାଗରିକ ୨୦୨୩ ସୁଦ୍ଧା ସ୍ମାର୍ଟଫୋନ ଯୋଗେ ଯେକୌଣସି ଭାଷାରେ ଯୋଗାଯୋଗ ସୁବିଧା ହାସଲ କରିସାରିବା ପରେ ଭାଷାକୁ ନେଇ ରାଜନୀତି ଗୁରୁତ୍ୱ ହରାଇବା ଆଶା କରାଯାଇପାରେ । ସେହିପରି ସ୍ଥଳବିଶେଷରେ ଭାଷାକୁ ଆଳ କରି ନିମ୍ନମାନର ସୃଜନ ନିର୍ଦ୍ଦିଷ୍ଟ ଭୌଗୋଳିକ ପରିସୀମାରେ ପ୍ରଭାବ ବିସ୍ତାର କରିଚାଲିଥିବା ଅବସରରେ ଆନ୍ତର୍ଜାତିକସ୍ତରରେ ଉନ୍ନତ ମାନର ସୃଜନ ସର୍ବସାଧାରଣରେ ପ୍ରସାରର ସୁଯୋଗ ଜନଜୀବନରେ ଉଭୟ ସାମ୍ବାଦିକତା ଓ ସାହିତ୍ୟର ମୂଲ୍ୟବୋଧ ବୃଦ୍ଧିରେ ସହାୟକ ହୋଇପାରିବା ଆଶା କରାଯାଇପାରେ । ଅବଶ୍ୟ ଏହି ସୁବିଧା ସୁଯୋଗ ପୂର୍ବ ଅଭିଜ୍ଞତା ପ୍ରକାରେ ଭଲ ଦିଗରେ ଯିବ ନା ଖରାପ ଦିଗରେ ଯିବ ତାହାର ପୂର୍ବାନୁମାନ ମୁସ୍କିଲ ବ୍ୟାପାର !

ଅନଲାଇନ ମଞ୍ଚରେ ଭିଡ଼ିଓ ଓ ଅଡ଼ିଓରେ ଲୋକପ୍ରିୟତା ବଢ଼ିଚାଲିଛି । ବିକଶିତ ରାଷ୍ଟ୍ରଗୁଡ଼ିକରେ ଆୟୋଜିତ ସର୍ବେକ୍ଷଣମାନଙ୍କୁ ଜଣାଯାଉଛି ସମ୍ବାଦ ପଠନ ବଦଳରେ ଶୁଣିବା ବା ଦେଖିବା ପାଇଁ ଡ଼ିଜିଟାଲ ମଞ୍ଚରେ ଭିଡ଼ ଲାଗି ରହୁଛି । 'ଗୁଗୁଲ' ପରିଚାଳିତ 'ୟୁଟ୍ୟୁବ' ଭିଡ଼ିଓ ସେୟାରିଂରେ ଆନ୍ତର୍ଜାତିକସ୍ତରରେ ପ୍ରଥମ ସ୍ଥାନ ଅଧିକାର କରୁଥିବା ସ୍ଥଳେ ଭିଡ଼ିଓ ଅନୁବାଦକୁ ସ୍ୱୟଂକ୍ରିୟ କରିବା ନିମନ୍ତେ 'ଏଲାଉଡ୍' ନାମକ ଏକ ଭିଡ଼ିଓ ଡବିଂ ସୁବିଧା ଯୋଗାଇ ଦିଆଯିବା ବିଷୟ 'ଗୁଗୁଲ ଫର ଇଣ୍ଡିଆ ୨୦୨୨'ରେ ଘୋଷିତ ହୋଇଛି । ପରୀକ୍ଷାମୂଳକଭାବେ ଭାରତରେ ଏହି ବିଭବ ସ୍ୱାସ୍ଥ୍ୟସେବା ସଂକ୍ରାନ୍ତରେ ଭିଡ଼ିଓ ପ୍ରଯୋଜକଙ୍କୁ ଯୋଗାଇ ଦିଆଯାଇଛି । ଏହି ସଫଟୱେର ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ ଓ ମେସିନ ଲର୍ଣ୍ଣିଂ ବୈଷୟିକ କୌଶଳ ଉପଯୋଗରେ କାର୍ଯ୍ୟ କରିବ, ସଂପୂର୍ଣ୍ଣ ସ୍ୱୟଂକ୍ରିୟ ଓ ମାଗଣାରେ ଯୋଗାଇ ଦିଆଯିବା ବ୍ୟବସ୍ଥା ହୋଇଥିବା ପ୍ରକାଶ ।

'ୟୁଟ୍ୟୁବ'ରେ 'କୋର୍ସେସ' ନାମରେ ଏକ ନୂତନ ବିଭବ ସନ୍ନିବେଶିତ ହେବ । ଏହି ଶୃଙ୍ଖଳାରେ ସ୍ୱଳ୍ପ ଓ ଦୀର୍ଘ ଅବଧିର ପାଠ୍ୟକ୍ରମ ପ୍ରସାରଣର ସୁଯୋଗ ରହିବ । ଶିକ୍ଷକମାନେ ଭିଡ଼ିଓ ସାଙ୍ଗକୁ ଅଡ଼ିଓ ଓ ଟେକ୍ସଟ ଶିକ୍ଷାର୍ଥୀମାନଙ୍କୁ ମଞ୍ଚ ମାଧ୍ୟମରେ ବିତରଣ କରିପାରିବେ । ଭାରତରେ ୨୦୨୩ରେ ଆରମ୍ଭ ହେବାକୁ ଯାଉଥିବା 'କୋର୍ସେସ' ମଞ୍ଚରେ ଅଧ୍ୟୟନ ଲାଗି ଉଭୟ ମାଗଣା ଓ ଦେୟଯୁକ୍ତ ପାଠ୍ୟକ୍ରମମାନ ସାମିଲ ହେବ । 'ୟୁଟ୍ୟୁବ'ରେ ଭିଡ଼ିଓ ପ୍ରଦର୍ଶନ ମାଧ୍ୟମରେ ଶିକ୍ଷାଦାନ ଦୀର୍ଘ ସମୟ ଧରି ଲୋକପ୍ରିୟ ହୋଇସାରିଥିବା ସ୍ଥଳେ 'କୋର୍ସେସ' ଭଳି ସଂଗଠିତ ବ୍ୟବସ୍ଥା ଶିକ୍ଷାଦାନ କ୍ଷେତ୍ରରେ ବ୍ୟାପକ ପରିବର୍ତ୍ତନର ସୂତ୍ରଧର ସାଜିବା ସମ୍ଭାବନା ରହିଛି । ଭାରତ ସମେତ ଯୁକ୍ତରାଷ୍ଟ୍ର ଆମେରିକା ଓ ଦକ୍ଷିଣ କୋରିଆରେ 'ଗୁଗୁଲ' ପକ୍ଷରୁ 'କୋର୍ସେସ' ପରୀକ୍ଷାମୂଳକ ଭାବେ ଆରମ୍ଭ କରାଯିବ । 'ଗୁଗୁଲ ଫର ଇଣ୍ଡିଆ ୨୦୨୨' ଅବସରରେ 'ଗୁଗୁଲ' ପକ୍ଷରୁ କୃଷି ଓ ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଉନ୍ନତ ବୈଷୟିକ କୌଶଳ ଉପଯୋଗ ସଂପର୍କରେ ସମ୍ୟକ ସୂଚନା ଦିଆଯାଇଥିଲା । ନିରକ୍ଷର ତଥା ଅଳ୍ପଶିକ୍ଷିତ ବର୍ଗ ଟେକ୍ସଟ ବଦଳରେ ସ୍ୱିଚ୍ ମାଧ୍ୟମରେ ଗୁଗୁଲ ସର୍ଚ୍ଚ ଇଞ୍ଜିନରେ ପହଞ୍ଚୁଥିବା ସ୍ଥଳେ ଅନେକ ସମୟରେ ଉପଭୋକ୍ତାଙ୍କର ସ୍ପଷ୍ଟ ଉଚ୍ଚାରଣ ଅଭାବରୁ ସମସ୍ୟା ଉପୁଜିଥାଏ । ଅସ୍ପଷ୍ଟ ଉଚ୍ଚାରଣଜନିତ ଅସୁବିଧା ଦୂର କରିବା ନିମନ୍ତେ 'ଗୁଗୁଲ' ପକ୍ଷରୁ ନୂତନ ବୈଷୟିକ କୌଶଳ ଉପଯୋଗ କରାଯାଉଥିବା ଘୋଷଣା କରାଯାଇଥିଲା । ସୁନ୍ଦର ପିଚାଇ କହିଥିଲେ ଯେ ଭାରତରେ ଇଣ୍ଟରନେଟ ମୁକ୍ତ ଓ ପରିବ୍ୟାପ୍ତ ଥିବା ହେତୁ ଜ୍ଞାନ ରପ୍ତାନୀ କ୍ଷେତ୍ରରେ ଆନ୍ତର୍ଜାତିକସ୍ତରରେ ଅଗ୍ରଣୀ ରହିଛି । ସେ ସୂଚାଇଥିଲେ ଯେ ଦେଶରେ କେବଳ 'ୟୁଟ୍ୟୁବ'ର ବ୍ୟବହାର ଯୋଗୁଁ ୨୦୨୧ରେ ବର୍ଷକ ମଧ୍ୟରେ ୭ ଲକ୍ଷ ୫୦ ହଜାର କର୍ମନିଯୁକ୍ତି ଓ ଦଶ ହଜାର କୋଟି ଟଙ୍କା ଆୟ ସମ୍ଭବ ହୋଇପାରିଥିବା ବ୍ରିଟେନର ଗବେଷଣା ସଂସ୍ଥା ଅକ୍ସଫୋର୍ଡ ଇକନୋମିକ୍ସ ପକ୍ଷରୁ ହିସାବ କରାଯାଇଛି । ଡ଼ିସେମ୍ବର ୨୦୨୨ରେ ଆୟୋଜିତ 'ଗୁଗୁଲ ଫର ଇଣ୍ଡିଆ ୨୦୨୨' ପରବର୍ତ୍ତୀ ବର୍ଷ ୨୦୨୩ରେ ଡ଼ିଜିଟାଲ ଇଣ୍ଡିଆ ନିମନ୍ତେ ପ୍ରେରଣାଦାୟୀ ବିବେଚନା କରାଯାଏ ।

# ସର୍ବୋତ୍ତମ ଔଷଧ ସଙ୍ଗୀତ

**ଅ**ତୀତରେ କରାଯାଇଥିବା ଅନୁସନ୍ଧାନ ଗୁଡ଼ିକରୁ ସ୍ପଷ୍ଟ ହୁଏ ଯେ ସଙ୍ଗୀତ କେବଳ ମନକୁ ଶାନ୍ତି ଦେଇ ନଥାଏ, ବରଂ ଏହା ଅନେକ ରୋଗକୁ ଦୂର କରିବାରେ ସଫଳ ହୋଇଥାଏ । ଏହି କାରଣରୁ ଗୁଣୀ ଓ ଶ୍ରେଷ୍ଠ ଚିକିତ୍ସକ ଉପଚାର ବେଳେ ସଙ୍ଗୀତକୁ ମଧ ଚିକିତ୍ସା ପଦ୍ଧତିର ଅଙ୍ଗ ବୋଲି ମାନିଛନ୍ତି, ଯାହାକୁ ରାଗ ଚିକିତ୍ସା କହିବା ଶ୍ରେୟସ୍କର ହେବ ।

ଏବେ ଡାକ୍ତରମାନେ ସ୍ୱୀକାର କଲେଣି ଯେ ସଙ୍ଗୀତ ଚିକିତ୍ସା ଦ୍ୱାରା କେବଳ ମାନସିକ ନୁହେଁ, ବରଂ ଶରୀରର କିଛି ବ୍ୟାଧିର ଉପଚାର ମଧ ସମ୍ଭବ । ରାଗ ରିସର୍ଚ୍ଚ ସେଣ୍ଟର, ଚେନ୍ନେଇ ରାଗ ଆଧାରିତ ସଙ୍ଗୀତ ଦ୍ୱାରା ଉପଚାରର ସମ୍ଭାବନା ଉପରେ ଅଧ୍ୟୟନ କରି ନିଷ୍କର୍ଷରେ ପହଞ୍ଚିଛି ଯେ ରକ୍ତଚାପ, ସିଜୋଫ୍ରେନିୟା ଓ ଏପିଲେପ୍‌ସୀ ଆଦି ରୋଗର ଉପଚାର କରାଯାଇ ପାରେ । ସଙ୍ଗୀତ ଦ୍ୱାରା ମନ ଖୁସୀ ରହିଲେ ନିଶ୍ଚିତ ରୂପେ ଉପଚାର ସମୟରେ ଔଷଧର ଭଲ ପ୍ରଭାବ ପଡ଼ିବ । ଶଯ୍ୟା ଉପରେ ପଡ଼ିଥିବା ରୋଗୀ ସୁମଧୁର ସଙ୍ଗୀତ ଶୁଣି ଉଠି ବସିପଡ଼େ । ତା' ଭିତରେ ଏକ ନୂତନ ଉତ୍ସାହର ସଞ୍ଚାର ହେବାକୁ ଲାଗେ ।

ଚିକିତ୍ସକ ମାନଙ୍କ ମତରେ ପରିଣତ ବୟସର ରୋଗଗୁଡ଼ିକ, ମସ୍ତିଷ୍କରେ ଆଘାତ ଓ ଅଲଜାଇମର ଭଳି ରୋଗ ଆଦିର ଉପଚାରରେ ସଙ୍ଗୀତ ବିଶେଷ ଭୂମିକା ନିର୍ବାହ କରିଥାଏ । ଯଦ୍ୟପି ପ୍ରତ୍ୟେକ ରୋଗୀ ଉପରେ ଏହାର ଏକା ଭଳି ପ୍ରଭାବ ପଡ଼ି ନଥାଏ । ସଙ୍ଗୀତର ପ୍ରଭାବ ବ୍ୟକ୍ତି ଉପରେ କେତେ ମାତ୍ରାରେ କେତେ ସମୟ ପର୍ଯ୍ୟନ୍ତ ପଡ଼ିବ ଏହା ବ୍ୟକ୍ତି ବିଶେଷ ଉପରେ ନିର୍ଭର କରିଥାଏ । ସଙ୍ଗୀତ ଆମର ତନ୍ତ୍ରିକାଗୁଡ଼ିକୁ ଶାନ୍ତ କରିବା ସଙ୍ଗେ ସଙ୍ଗେ ମନକୁ ମଧ ଏକାଗ୍ର କରିଥାଏ । ଏହା ଜୀବନର ସମସ୍ୟାଗୁଡ଼ିକରୁ ଉତ୍ପନ୍ନ ହୋଇଥିବା ଆବେଶକୁ ଦୁର୍ବଳ କରିଦିଏ ।

ରୋଗୀ ଭାରତୀୟ ସଙ୍ଗୀତକୁ ଥରେ ନିଶ୍ଚିତ ଶୁଣିବା ଆବଶ୍ୟକ । ଏହା ରାଗ ଚିକିତ୍ସା ଅଟେ, ଯାହାର ମହତ୍ତ୍ୱକୁ ଆଧୁନିକ ଚିକିତ୍ସକମାନେ ମଧ ବୁଝିଲେଣି । ପ୍ରାଚୀନ କାଳରେ ଏହାକୁ ନାଦଯୋଗ କୁହାଯାଉଥିଲା । ଆମ ଶରୀର ଓ ମନ ଉପରେ ଧ୍ୱନୀର ଗଭୀର ପ୍ରଭାବ ପଡ଼ିଥାଏ । ରାଜା – ମହାରାଜାଙ୍କ ବୈଦ୍ୟମାନେ ମଧ ଶହ ଶହ ବର୍ଷ ପୂର୍ବେ ଚିକିତ୍ସା ସମୟରେ ନାଦ ଯୋଗର ପ୍ରୟୋଗ କରୁଥିଲେ ।

ଏକବିଂଶ ଶତାବ୍ଦୀରେ ମଧ ଲୋକମାନଙ୍କର ଏହି ରାଗ ଚିକିତ୍ସା ଉପରେ ବିଶ୍ୱାସ ବୃଦ୍ଧି ହେବାରେ ଲାଗିଛି । ଏହାକୁ ଆମେ ପୂରକ ଚିକିତ୍ସା ମଧ କହି ପାରିବା । କେତେକ ଚିକିତ୍ସକ ତ ଆସ୍ଥମା ଓ ତନ୍ତ୍ରିକା ସମ୍ବନ୍ଧୀୟ ରୋଗ ଉପଚାରରେ ରାଗ ଚିକିତ୍ସାର ବି ପ୍ରୟୋଗ କରୁଛନ୍ତି ।

ସଙ୍ଗୀତ ଆମକୁ ଭାବନାତ୍ମକ ସମ୍ବଳ ଦେଇଥାଏ । ରାଗ ଓ ବାଦ୍ୟଗୁଡ଼ିକର ଧ୍ୱନୀ ଆମ ଶରୀରରେ ଏକ ନୂତନ ରସଧାରା ଗୋଳିଥାଏ । ଏହା ଏକ ପ୍ରକାରର ରାସାୟନିକ ପରିବର୍ତ୍ତନ ହେଇଥାଏ, ଯଦ୍ୱାରା ଶରୀର ନିଜେ ବ୍ୟାଧିଗୁଡ଼ିକର ଉପଚାର କରିଥାଏ ବା ଔଷଧଗୁଡ଼ିକ ସାଙ୍ଗରେ ମିଶି ରୋଗକୁ ଖତମ କରିଥାଏ ।

ପ୍ରାଚୀନ ଭାରତୀୟ ଗ୍ରନ୍ଥ ସ୍ୱର ଶାସ୍ତ୍ର ଅନୁସାରେ ଆମର ଏଠାରେ ପ୍ରାୟ ୭୨ଟି ବିଶେଷ ରାଗ ଅଛି, ଯାହା ଶରୀରର ୭୨ଟି ଅତ୍ୟନ୍ତ ମହତ୍ତ୍ୱପୂର୍ଣ୍ଣ ନାଡ଼ିକୁ ନିୟନ୍ତ୍ରଣ କରିଥାଏ । ଯଦି କେହି ଏହି ରାଗଗୁଡ଼ିକୁ ବହୁତ ଧାନ ପୂର୍ବକ ଓ ଉଚ୍ଚାରଣକୁ ପୂର୍ଣ୍ଣ ସ୍ପଷ୍ଟତାର ସହିତ ମସ୍ତିଷ୍କରେ ପ୍ରବେଶ କରାଏ ତ ଏହା ଦ୍ୱାରା ଶରୀରର ବିଶେଷ ତନ୍ତ୍ରକାଗୁଡ଼ିକ ଉପରେ ଗଭୀର ପ୍ରଭାବ ପଡ଼ିଥାଏ ।

କେତେକ ରାଗର ଭାବନାତ୍ମକ ଓ ଶାରୀରିକ ସ୍ତରରେ ଏପରି ଗମ୍ଭୀର ପ୍ରଭାବ ପଡ଼ିଥାଏ ଯେ ବ୍ୟକ୍ତି କୋମାରୁ ମଧ ମୁକୁଳି ଆସେ । ଏହି କାରଣରୁ ବଡ଼ ବଡ଼ ଡାକ୍ତରଖାନାର ସ୍ନାୟୁରୋଗ ବିଶେଷଜ୍ଞ ମଧ ଏହାର ମହତ୍ତ୍ୱକୁ ସ୍ୱୀକାର କଲେଣି । ସଙ୍ଗୀତ ଦ୍ୱାରା ସ୍ମୃତି ହରାଇଥିବା ରୋଗୀମାନଙ୍କର ମଧ ଉପଚାର ସମ୍ଭବ । ବିଶେଷଜ୍ଞଙ୍କ କହିବା ଅନୁସାରେ କେତେକ ରାଗ ଧ୍ୱନି ର ଏପରି କମ୍ପନ ସୃଷ୍ଟି କରିଥାଏ, ଯଦ୍ୱାରା ମାଂସପେଶୀରୁ ନେଇ ସ୍ନାୟୁଗୁଡ଼ିକ ଓ ଚକ୍ରଗୁଡ଼ିକ ଉପରେ ପ୍ରଭାବ ପଡ଼ିଥାଏ । ନାଡ଼ିଗୁଡ଼ିକ ମଧରେ ସଂଚାର ସାମାନ୍ୟ ହେବାକୁ ଲାଗେ । ଏହା ଦ୍ୱାରା ମନୁଷ୍ୟ ଆବେଶ ରହିତ ଅନୁଭବ କରେ ଏବଂ କେତେକ ରୋଗ ମଧ ଦୂର ହୋଇଯାଏ ।

ବର୍ତ୍ତମାନ କେତେକ ଚିକିତ୍ସକ ରୋଗଗୁଡ଼ିକର ଚିକିତ୍ସା ପାଇଁ ଯେଉଁ ରାଗଗୁଡ଼ିକର ପ୍ରୟୋଗ କରୁଛନ୍ତି, ସେଗୁଡ଼ିକ ମଧରେ ରାଗ ଚନ୍ଦ୍ରକୌସ, ପହାଡ଼ୀ ରାଗ, ରାଗ ମାଲକୋସ, ରାଗ ଭୂପାଲୀ ଓ ରାଗ ତୋଡୀ ମୁଖ୍ୟ । ପାହାଡ଼ୀ ରାଗ ଶ୍ୱାସ ସମ୍ବନ୍ଧୀୟ ବେମାରି ଗୁଡ଼ିକରେ ବ୍ୟବହାର ହୋଇଥାଏ ତ ରାଗ ଚନ୍ଦ୍ରକୌସ ହୃଦୟ ସମ୍ବନ୍ଧୀୟ ରୋଗରେ କାମ କରିଥାଏ । ରକ୍ତଚାପର ଉପଚାରରେ ରାଗ ଅସବାରୀ ଓ ମାଲିକୋସର ପ୍ରୟୋଗ ସଫଳ ହୋଇଥାଏ । ରାଗ ତୋଡ଼ୀ ଓ ଭୂପାଲୀ ଉଚ୍ଚ ରକ୍ତଚାପକୁ କମ୍ କରିଥାଏ । ଏହାର ଉତ୍ତମ ପରିଣାମକୁ ଦେଖି ସ୍ୱାସ୍ଥ୍ୟ ବିଶେଷଜ୍ଞମାନେ ରାଗ ଚିକିତ୍ସାର ବିଶେଷତା ଯୋଗୁଁ ଆଶ୍ଚର୍ଯ୍ୟ ହେଉଥିବା ବେଳେ ରୋଗୀମାନେ ଖୁସି ହେଉଛନ୍ତି ।

ଆଶା କରାଯାଉଛି ଯେ ନାଦଯୋଗ ଅର୍ଥାତ୍ ରାଗ ଚିକିତ୍ସାର ମହତ୍ତ୍ୱ ଦିନକୁ ଦିନ ବଢ଼ିବ ଏବଂ ସମସ୍ତ ଡାକ୍ତର ଏହାକୁ ଚିକିତ୍ସା ପଦ୍ଧତି ମାନି ରୋଗୀମାନଙ୍କର କେତେକ ଗମ୍ଭୀର ରୋଗର ନିଦାନରେ ପ୍ରୟୋଗ କରିବେ । ସଙ୍ଗୀତ ଶୁଣିବା ଦ୍ୱାରା କେବଳ ଉତ୍ତେଜନା ଦୂର ହୁଏ ନାହିଁ, ବରଂ ରୋଗ ସହିତ ଲଢ଼ିବାର କ୍ଷମତା ବୃଦ୍ଧି ହୋଇଥାଏ । ବୈଦିକ କାଳରେ ସଙ୍ଗୀତ ଦ୍ୱାରା ଅନେକ ରୋଗର ଉପଚାର କରାଯାଉଥିଲା ।

ସଙ୍ଗୀତ ଅନ୍ତର୍ଗତ ନୃତ୍ୟ ଶାରୀରିକ ଓ ସଙ୍ଗୀତ ମାନସିକ ରୋଗଗୁଡ଼ିକର ଉପଚାର କରୁଥିଲା । ଆଜି ଏହି ଚିକିତ୍ସା ବିଧିଗୁଡ଼ିକ ସଙ୍ଗୀତ ଚିକିତ୍ସା ଓ ନୃତ୍ୟ ଚିକିତ୍ସା ନାମରେ ପ୍ରଚଳିତ । ମୋକ୍ଷାୟାତନ ଇଣ୍ଟରନ୍ୟାସନାଲ ଯୋଗାଶ୍ରମର ନୃତ୍ୟ ଏବଂ ଯୋଗ ଚିକିତ୍ସକ ଆଚାର୍ଯ୍ୟ ପ୍ରତିଷ୍ଠା କହନ୍ତି ଯେ ଆଜି ଅଧିକାଂଶ ରୋଗ ମନ କାରଣରୁ ହିଁ ହୋଇଥାଏ । ତିନିଟି ପକ୍ଷ– ଯୋଗ, ନୃତ୍ୟ ଓ ସଙ୍ଗୀତର ବିଷୟ ଶରୀର ନ ହୋଇ ମନ ହୋଇଥାଏ । ମନ ଉପରେ ପଡୁଥିବା ପ୍ରଭାବ ଶରୀର ଉପରେ ମଧ ପଡ଼ିଥାଏ ।

## ଆଜିର ଚିନ୍ତନ

**ରା**ଜା ଭୋଜ ମନ୍ତ୍ରୀ ତଥା ପାରିଷଦବର୍ଗଙ୍କ ସହ ରାଜ୍ୟ ପରିକ୍ରମାରେ ଯାଉଥାନ୍ତି । ଯିବା ସମୟରେ ଦେଖିଲେ ବିଲ ମଧରେ ଥିବା ଏକ ଗଛ ଛାଇରେ ଜଣେ କୃଷକ ଆବୁଡ଼ାଖାବୁଡ଼ା ଚଟାଣ ଉପରେ ଗାମୁଛା ଖଣ୍ଡେ ପାରି ନିଘୋଡ଼ ନିଦରେ ଶୋଇ ଯାଇଛି । ରାଜା ଆଶ୍ଚର୍ଯ୍ୟ ହୋଇ ମନ୍ତ୍ରୀଙ୍କୁ ପଚାରିଥିଲେ- ଏଭଳି ଉଚ୍ଚନୀଚ, ଢେଲା ପଥର ଥିବା ଜାଗା ଉପରେ କୃଷକଟି କିପରି ନିଶ୍ଚିନ୍ତରେ ନିଦ୍ରାଯାଇଛି । ମୁଁ ତ ଆରାମଦାୟକ ଶଯ୍ୟାରେ ଶୋଉଥିଲେ ମଧ ବହୁ ବିଳମ୍ବରେ ନିଦ ଆସିଥାଏ । ଏହାଶୁଣି ମନ୍ତ୍ରୀ ରାଜାଙ୍କୁ ବୁଝାଇ ଦେଇଥିଲେ- ମହାରାଜ ! ଏ ସବୁ ଅଭ୍ୟାସ ଓ ପାରିପାର୍ଶ୍ୱିକ ପରିସ୍ଥିତି ଉପରେ ନିର୍ଭରଶୀଳ । ଏମିତି ଦେଖିଲେ ମନୁଷ୍ୟଠାରୁ ନା କିଏ ଅଧିକ କଠୋର ଅଛି ନା କିଏ ଅଧିକ କୋମଳ ସ୍ୱଭାବର ଅଛି । ପରିସ୍ଥିତି ହିଁ ତାକୁ ଅନୁକୂଳ କରାଇବାରେ ସହାୟକ ହୋଇଥାଏ ପୂର୍ଣ୍ଣ ମାତ୍ରାରେ ।

ମନ୍ତ୍ରୀ ନିରାଟ ସତ କଥା କହିଥିଲେ- ପ୍ରତିକୂଳ ପରିସ୍ଥିତି ଭିତରେ ଗତି କରୁଥିବା ମଣିଷ ପକ୍ଷରେ ଯାବତୀୟ ପ୍ରତିକୂଳତା ଦେହସୁହା ହୋଇଯାଏ, କିନ୍ତୁ ସୁଖଦ ସ୍ଥିତିରେ ଥିବା ମଣିଷ ପ୍ରତିକୂଳତାକୁ ସାମନା କରିପାରି ନ ଥାଏ । ରାଜା କିନ୍ତୁ ନାରାଜ ଥିଲେ ଏହା ସ୍ୱୀକାର କରିବାକୁ । ମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ କହିଥିଲେ- 'ତୁମେ କହିଥିବା କଥାର ସତ୍ୟତା ପ୍ରମାଣ କରିବାକୁ ହେବ । ମୁଁ ଏହାର ପରୀକ୍ଷା ନେବାକୁ ଚାହୁଁଛି ।' ଅଗତ୍ୟା ମନ୍ତ୍ରୀ ରାଜାଙ୍କ କଥାରେ ସହମତି ପ୍ରକାଶ କରିଥିଲେ । ପରୀକ୍ଷା ନିମିତ୍ତ ମନ୍ତ୍ରୀ ଜଣେ କୃଷକକୁ ପ୍ରଲୋଭିତ କରାଇ ରାଜମହଲରେ ରଖାଇବାକୁ ନିଷ୍ପତ୍ତି କରିଥିଲେ । ତଦନୁଯାୟୀ କୃଷକକୁ ନିର୍ଦ୍ଦିଷ୍ଟ ଦିନ ରାଜମହଲକୁ ଅଣାଯାଇଥିଲା । ରାଜସିକ ଥାଟବାଟ ଭିତରେ ରଖାଇ ତା'ର ମନୋଭାବ ଯାଞ୍ଚ କରିବା ନିମନ୍ତେ । ମହଲରେ ପହଞ୍ଚିବା ପୂର୍ବରୁ ହିଁ ରାଜା, ରାଜକର୍ମଚାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ ତା'ର ରହିବା, ଖାଇବା ପିଇବାରେ ଯେପରି କିଛି ତ୍ରୁଟି ନ ହୁଏ । ସକଳ ପ୍ରକାର ଆରାମଦାୟକ ଜୀବନନିର୍ବାହର ବ୍ୟବସ୍ଥା କରାଯାଇଥିଲା । କୃଷକ ପାଇଁ ଏହା ଥିଲା ସ୍ୱର୍ଗସୁଖ । ପ୍ରଥମେ କିଛିଦିନ ଅସ୍ୱସ୍ତିକର ଲାଗିଥିଲା । ହେଲେ ଦିନ କେଇଟାରେ ରାଜସିକ ଜୀବନ ନିର୍ବାହରେ କୃଷକ ଅଭ୍ୟସ୍ତ ହୋଇଗଲା ।

ପରୀକ୍ଷାର ଅନ୍ତିମ କାଳ ଉପସ୍ଥିତ ହେଲା । ମନ୍ତ୍ରୀଙ୍କ ନିର୍ଦ୍ଦେଶରେ କୃଷକ ଶୋଉଥିବା ପଲଙ୍କ ଉପରେ ପଡ଼ିଥିବା ଗଦି ଭିତରେ ତୁଳା ପରିବର୍ତ୍ତେ ଶୁଖିଲା ଘାସ ସହ କଠିନ ପଦାର୍ଥ ପୂରାଇ ଦେଇଥିଲେ ରାଜପରିବାରର ସେବକମାନେ । କୃଷକ ଏହା ଜାଣିବାର ଅବକାଶ ପାଇ ନଥିଲେ । ରାଜା ଲୁକ୍କାୟିତ ଭାବରେ ଏହାର ଫଳ କ'ଣ ହେଉଛି ଜାଣିବା ପାଇଁ କିଛି ସମୟ ଉଢ଼ାଳରେ ରହିଥିଲେ । କୃଷକ ଖାଲି ଏପଟ ସେପଟ ହୋଇ କଡ଼ ଲେଉଟାଉଥିବା ଉଭୟ ମନ୍ତ୍ରୀ ଓ ରାଜା ଲକ୍ଷ୍ୟ କରିଥିଲେ । ପରଦିନ ପ୍ରତ୍ୟୁଷରେ ରାଜାଙ୍କ ଉପସ୍ଥିତିରେ ମନ୍ତ୍ରୀ ପଚାରିବାରୁ, କୃଷକଟି ଗତ ରାତିରେ ତା'ର ସୁନିଦ୍ରା ବ୍ୟାହତ ହୋଇଛି ବୋଲି କହିଥିଲା । ମନ୍ତ୍ରୀ, ରାଜାଙ୍କୁ ବୁଝାଇ ଦେଇଥିଲେ, ମହାରାଜ ! ଇଏ ସେଇ କୃଷକ ଯିଏ ବିଲରେ ଟେଳା ଉପରେ ନିଘୋଡ଼ ନିଦରେ ଶୋଇଯାଇଥିବା ଆପଣ ଦେଖିଥିଲେ । ଖାଲିଢିପ ଜମିରେ ଶୋଇଥିବା ଲୋକଟା ପଲଙ୍କ ଉପରେ ଆରାମଦାୟକ ଗଦିରେ ଶୋଇବାରେ ଅଭ୍ୟସ୍ତ ହୋଇଗଲା କିଛିଦିନ ଭିତରେ । ଏବେ ସେଥିରେ ପରିବର୍ତ୍ତନ କରାଯିବାରୁ (କଠିନ ବସ୍ତୁ ରଖିବାରୁ) ନିଦ ହେଉନଥିବା କହିଲା । ଏହା ହିଁ ଅଭ୍ୟାସର ଅନ୍ତର, ପରିସ୍ଥିତିର ପ୍ରଭାବ । ରାଜା ଭୋଜ ନିଶ୍ଚିତ ହୋଇଯାଇଥିଲେ ପ୍ରକୃତରେ ପରିସ୍ଥିତି ; ପରିବେଶ ଅନୁକୂଳତାର ପରିପୂରକ, ଯାହା ମନୁଷ୍ୟର ଜୀବନଶୈଳୀ ଉପରେ ନିର୍ଭରଶୀଳ ।

# ମା'ଙ୍କ କର୍ତ୍ତବ୍ୟ

**ଘ**ର ଏକ ପାଠଶାଳା ହୋଇଥାଏ । ଘର ନାନା ପ୍ରକାର ଫୁଲରେ ପରିପୂର୍ଣ୍ଣ ଉପବନ ହୋଇଥାଏ । ଫୁଲର ଅର୍ଥ- ଆମର ପିଲାମାନେ । ପିଲାମାନେ ସେହି ଫୁଲ ପରି, ଯେଉଁମାନେ ନିଜେ ସୁଗନ୍ଧିତ ହୋଇଥାନ୍ତି ଏବଂ ଅନ୍ୟମାନଙ୍କ ପର୍ଯ୍ୟନ୍ତ ସୁଗନ୍ଧ ବିସ୍ତାର କରିବାରେ ସମର୍ଥ ହୋଇଥାନ୍ତି । ଏବେ କାହା କଥା ରହିଯାଇଛି ? ମା'ର ପାଠ ରହିଯାଉଛି । ମା' ଯେଉଁ ଢଙ୍ଗରେ ପିଲାମାନଙ୍କୁ ଘରର ପାଠଶାଳାରେ ଶିକ୍ଷଣ ଦିଅନ୍ତି ; ସେହି ଶିକ୍ଷଣ ଆଜୀବନ କାମ ଦେଇଥାଏ । ମଦାଳସା ନିଜର ପୁଅମାନଙ୍କୁ ଶିକ୍ଷଣ ଦେଇଥିଲେ । ଜଣକୁ ରାଜର୍ଷି କରି ଦେଇଥିଲେ । ଜଣକୁ ଦେବର୍ଷି କରି ଦେଇଥିଲେ । ସେ ନିଜର ସବୁ ପୁଅଙ୍କୁ ତେଜସ୍ୱୀ କରାଇଥିଲେ । ସେ କହିଥିଲେ ଯେ ହେ ପୁତ୍ର ! ତୁ ନିର୍ବିକାର ଭାବରେ ଜୀବନଯାପନ କର । ସଂସାର ତ ମିଥ୍ୟା ଓ ମାୟା । ଏଥିରେ ଯଦି ତୁ ଲିପ୍ତ ରହିଯିବୁ, ତେବେ ତୁ ସଂସାରକୁ ବୁଝି ପାରିବୁ ନାହିଁ । ଭଗବାନ ମନୁଷ୍ୟକୁ ଯେଉଁ ଉତ୍ତରଦାୟିତ୍ୱ ଦେଇ ପଠାଇଛନ୍ତି, ତାହାକୁ ତୁ ଭୁଲିଯିବୁ । ଆଗକୁ ସେହି ପିଲାମାନେ ଯାହା ହେଲେ, ତାହାର ଉଦାହରଣ ଆମର ଗ୍ରନ୍ଥଗୁଡ଼ିକରେ ରହିଛି । ଏହା କିଏ କରିଥିଲେ ? ଏହା ମଦାଳସା ନିଜର ପିଲାମାନଙ୍କୁ କରିଥିଲେ ।

ମାଆଙ୍କ କର୍ତ୍ତବ୍ୟ ହେଉଛି ନିଜର ପିଲାକୁ ସଠିକ ଦିଶା ଦେବା ଏବଂ ତାକୁ ଏକ ଉତ୍ତମ ଓ ସୁଯୋଗ୍ୟ ନାଗରିକ କରିବା । ମା' ହିଁ ସନ୍ତାନକୁ ଏପରି କରି ପାରିବେ । ଏହା ପିତା କରି ପାରିବେ ନାହିଁ । ପିତା ସାଧନ ଯୋଗାଇ ପାରିବେ ଓ ମା' ସଂସ୍କାର ଦେଇ ପାରିବେ । ମା' ନିଜ ପିଲାକୁ ଦୁଧ ପିଆଇ ସେହି ଦୁଧ ମାଧ୍ୟମରେ ପିଲାକୁ ସଂସ୍କାର ଦେଇ ପାରିବେ । କିଏ ଦେବେ ? ଜଣେ ଗୁଣବତୀ ମା' ହିଁ ଦେଇ ପାରିବେ । ପ୍ରଥମେ ମା'ଙ୍କୁ ପଢ଼ିବାକୁ ପଡ଼େ, ତାପରେ ସେ ପିଲାକୁ ପଢ଼ାନ୍ତି । ମା' ଗର୍ଭକାଳରୁ ହିଁ ପିଲାକୁ ପଢ଼ାନ୍ତି । ଏହାର ଉଦାହରଣ ବି ସାମନାରେ ରହିଛି । ସୁଭଦ୍ରା ଅଭିମନ୍ୟୁକୁ ଗର୍ଭାବସ୍ଥାରେ ହିଁ ଶିକ୍ଷଣ ଦେଇଥିଲେ, ଯିଏ କି ଚକ୍ରବ୍ୟୁହ ଭେଦନ ଯେତିକି ଶିଖୁଥିଲା, ସେଥିରେ ସେ ସଫଳ ହେଲା ଏବଂ ଯାହା ସେ ଶିଖି ପାରିଲା ନାହିଁ, ସେଥିରେ ସେ ଅସଫଳ ହେଲା ଓ ମାରି ଦିଆଗଲା । ଏକଥା ମହାଭାରତରେ ଆସେ । ସୁନୀତି ଧ୍ରୁବକୁ ଗଢ଼ିଥିଲେ ଓ ଆଗକୁ ସେ ଭକ୍ତ ହେଲା ଏବଂ ଭଗବାନଙ୍କ କୋଳ, ସେହି ପରମପିତାଙ୍କ କୋଳରେ ଯାଇ ବସିଲା । ନାଁରେ ଆମ ରାଷ୍ଟ୍ରର ନାମ ଭାରତବର୍ଷ ହୋଇଥିଲା । ଭରତ ପିଲାବେଳୁ ସିଂହ ସହିତ ଲଢ଼ିବାରେ ସମର୍ଥ ଥିଲେ ଏବଂ ସେ ସିଂହର ପାର୍ଟିକୁ ଧରି ତାକୁ ପରାସ୍ତ କରିଦେଇଥିଲେ ଓ ଜିତି ଯାଇଥିଲେ । ଏହି ସଂସ୍କାର ଓ ସାମର୍ଥ୍ୟ କି ଏ ଦେଇଥିଲେ ? ଏହି ଭାବନା, ଏହି ସଂସ୍କାର ଓ ଏହି ସିଦ୍ଧାନ୍ତ, ସାହସ କେଉଁଠୁ ଆସିଥିଲା ? ଏସବୁ ମା'ଙ୍କ ଠାରୁ ହିଁ ଆସିଥିଲା ।

ମା' ଏହି ଢଙ୍ଗରେ ଲାଳନ ପାଳନ କଲେ ଓ ଶିକ୍ଷଣ ବି ଦେଲେ । ଜୀଜାବାଈ ଶିବାଜୀଙ୍କୁ ଯେଉଁ ସଂସ୍କାର ଦେଇଥିଲେ, ତାହା ଜୀବନ ସାରା କାମରେ ଆସିଲା । ଶିବାଜୀଙ୍କ ସମକ୍ଷକୁ ଜଣେ ମୁସଲିମ ମହିଳାକୁ ଅଣାଗଲା । ସଜବାଜ ହୋଇ ସେ ତାଙ୍କ ସାମନାକୁ ଆସିଲା । ସେ ଭାବିଲା ଯେ ଆଜି ମୁଁ ଶିବାଜୀଙ୍କ ମନୋବଳ ଖସାଇ ଦେବି; କିନ୍ତୁ ଯେତେବେଳେ ଶିବାଜୀ ସେହି ସୁନ୍ଦର ମହିଳାକୁ ଦେଖିଲେ, ତ ତାଙ୍କ ଆଖିରେ ଅଶ୍ରୁ ଆସିଗଲା । ସେ କହିଲେ ଯେ ମୋର ମା' ଜୀଜାବାଈ ଯଦି ଏମିତି ସୁନ୍ଦର ହୋଇଥାନ୍ତେ, ତେବେ ମୁଁ ମଧ ଏପରି ସୁନ୍ଦର ହୋଇଥାନ୍ତି । ତାହା ପିଲାଦିନର ସଂସ୍କାର ହିଁ ଥିଲା ।

ନେପୋଲିଅନ ଓ ତାଙ୍କ ଭଉଣୀ, ଦୁହେଁ ପଢ଼ିବାକୁ ଯାଉଥିଲେ । ଦିନେ ଜଣେ ପିଜୁଳି ବିକାଳୀ, ପିଜୁଳି ବିକିବା ପାଇଁ ଯାଉଥିଲା ଓ ଭଉଣୀ ଗୋଟିଏ ବାଡ଼ିରେ ତା'ର ଟୋକେଇକୁ ତଳେ ପକାଇ ଦେଲା । ସେ ବିଚରା ଗରିବ ଥିଲା । ସେ କାନ୍ଦି କାନ୍ଦି ସେମାନଙ୍କ ମା'ଙ୍କ ପାଖରେ ପହଞ୍ଚିଲା । ସେ କହିଲା ଯେ ମା' ମୋର ସବୁ ପିଜୁଳିକୁ ଆପଣଙ୍କ ପିଲାମାନେ ତଳେ ପକାଇ ଦେଲେ । ମା' କହିଲେ- ବାପା ଏଇ ପଇସା ନିଅ ଓ ନିଜ ଘରକୁ ଯାଅ । ସେ ତ ପଇସା ନେଇ ଚାଲିଗଲା; କିନ୍ତୁ ଯେବେ ଦୁଇ ଭାଇ-ଭଉଣୀ ଘରକୁ ଆସିଲେ, ତ ମା' ଦୁଇ ପିଲାଙ୍କର ସକାଳ ଜଳଖିଆ ଏକ ସପ୍ତାହ ପର୍ଯ୍ୟନ୍ତ ବନ୍ଦ କରିଦେଲେ ।

ଯେତେବେଳେ ନେପୋଲିଅନ ପଚାରିଲେ– 'ମା' ମୁଁ କ'ଣ କଲି ? ଭଉଣୀ ତ ତା'ର ପିଜୁଳି ଖସାଇ ଦେଇଥିଲା, ଦୋଷୀ ସିଏ, କିନ୍ତୁ ମୁଁ ତ ଦୋଷୀ ନୁହେଁ ?' ମା' ଉତ୍ତର ଦେଲେ– 'ପୁଅ ! ତୁ ତା'ର ବଡ଼ ଭାଇ, ତେଣୁ ତାକୁ ରୋକିପାରି ଥାଆନ୍ତୁ; କିନ୍ତୁ ତୁ ନିଜ ଭଉଣୀକୁ ଭୁଲ କାମ କରିବାରୁ ଅଟକାଇଲୁ ନାହିଁ । ଏହାର ଅର୍ଥ ଏହି କାର୍ଯ୍ୟରେ ତୁ ବି ଦୋଷୀ, ତେଣୁ ଦଣ୍ଡ ତୁମ ଦୁହିଁଙ୍କୁ ମିଳିବା ଉଚିତ ଏବଂ ଦଣ୍ଡ ସ୍ୱରୂପ ଏକ ସପ୍ତାହ ପର୍ଯ୍ୟନ୍ତ ତୁମର ସକାଳ ଜଳଖିଆ ବନ୍ଦ ।।

ବର୍ଷ ୨୭, ସଂଖ୍ୟା- ୧, ୧-୭ ଜାନୁଆରୀ ୨୦୨୩

# ବିଜେଡ଼ିର ୨୫ ବର୍ଷ

ଓଡ଼ିଶା ରାଜନୀତିରେ ୧୯୯୫ ନିର୍ବାଚନ ଫଳ କେବଳ ଅନେକଙ୍କୁ ଚକିତ ବା- ବିସ୍ମିତ କରି ନ ଥିଲା, ବରଂ ଏକ ଦୀର୍ଘ ସମୟ ସକାଶେ ଅଣକଂଗ୍ରେସ ନେତୃତ୍ୱର ଅଭ୍ୟୁଦୟକୁ ଆମନ୍ତ୍ରଣ ଦେଇଥିଲା । ଏହି ସନ୍ଧିକ୍ଷଣରେ ଜନ୍ମ ନେଇଥିଲା ବିଜୁ ଜନତା - ଦଳ । ପରାଜୟର ଗ୍ଲାନି ଓ ସ୍ୱପ୍ନର ଓଡ଼ିଶା ଗଠନ ପରାହତରେ ବିମର୍ଷ ବିଜୁବାବୁ ଏ ସଂସାରରୁ ବିଦାୟ ନେଇଗଲେ ୧୯୯୭ ଏପ୍ରିଲ ୧୭ରେ । ବିଜୁ ଅନୁଗତ ଓ ଅନୁଗାମୀ, ସୁପୁତ୍ର ନବୀନଙ୍କ ନେତୃତ୍ୱରେ ଅଣକଂଗ୍ରେସ ରାଜନୀତିର ମୂଳଦୁଆ ପକାଇଥିଲେ । କଂଗ୍ରେସ କ୍ଷମତା ରାଜନୀତିରେ ଦୁର୍ବଳତା ଆଞ୍ଚଳିକ ଦଳ ସକାଶେ ଯେଉଁ ସୁଯୋଗ ସୃଷ୍ଟି କରିଥିଲା ତାହାକୁ ଆଧାର କରି ଓଡ଼ିଶାରେ ମୁଣ୍ଡ ଟେକିଥିଲା ବିଜୁ ଜନତାଦଳ । ବିଜୁଙ୍କ ନେତୃତ୍ୱକୁ ପ୍ରତ୍ୟାଖ୍ୟାନ କରି ରାଜ୍ୟବାସୀ ଯେଉଁ ଭୁଲ କରିଥିଲେ ତାହାର ପରାଭବ ଭୋଗିଥିଲେ ପାଞ୍ଚବର୍ଷ କଂଗ୍ରେସ ଶାସନରେ । ଘନଘନ ନେତୃତ୍ୱ ପରିବର୍ତ୍ତନ ଏବଂ ମହାବାତ୍ୟା ବିପର୍ଯ୍ୟୟ ମଧ ନବୀନଙ୍କୁ ନେତୃତ୍ୱ ଦେବା ସକାଶେ ସୁଯୋଗ ସୃଷ୍ଟି କରିଥିଲା ।


ପିତାଙ୍କ ଦେହାବସାନ ପରେ ଅଗଣିତ ବିଜୁ ପ୍ରେମୀଙ୍କର ଆଗ୍ରହ ଓ ଆହ୍ୱାନରେ ନୂଆ କରି ରାଜନୀତିରେ ପାଦ ଦେଇଥିବା ନବୀନ ପଟ୍ଟନାୟକଙ୍କର ଅଭିଜ୍ଞତା, ପାରଦର୍ଶିତା ଓ ନେତୃତ୍ୱ ସମ୍ପର୍କରେ ଅନେକ ପ୍ରଶ୍ନବାଚୀ ଓ ଭ୍ରୂକୁଞ୍ଚନ ସୃଷ୍ଟି ହୋଇଥିଲା । ଯେଉଁଦିନ ନୂତନ ଦଳ ଗଠନ କରିବାର ନିଷ୍ପତ୍ତି ନେଇ ନବୀନ ବାବୁ ଦିଲ୍ଲୀରୁ ବିମାନ ଯୋଗେ ଭୁବନେଶ୍ୱର ପହଞ୍ଚିଲେ ବିମାନବନ୍ଦରରେ ତାଙ୍କୁ ସ୍ୱାଗତ କରିବା ପାଇଁ ଥିଲା ଏକ ଜନ ସମୁଦ୍ର । ନବୀନ ବାବୁଙ୍କୁ ସାମ୍ବାଦିକମାନେ ପ୍ରଶ୍ନ କରିଥିଲେ ଆପଣ ରାଜନୀତିରେ ନୂଆ, କିପରି ଏକ ନୂଆ ଦଳର ନେତୃତ୍ୱ ନେବେ । ନବାଗତ ନବୀନ ବାବୁଙ୍କର ଗୋଟିଏ ଧାଡ଼ିରେ ଉତ୍ତର ଥିଲା, ମୁଁ ଓଡ଼ିଶାକୁ ରାଜନୀତି କରିବାକୁ ଆସିନାହିଁ, ଓଡ଼ିଶାର ଲୋକଙ୍କର ସେବା କରିବା ପାଇଁ ଆସିଛି । ଏହି ଗୋଟିଏ ଧାଡ଼ିରେ ସେ ତାଙ୍କର ନୀତି, ଆଦର୍ଶ ଓ ଲକ୍ଷ୍ୟ ସମ୍ପର୍କରେ ବୟାନ କରିଦେଲେ । ଆଜି ୨୫ ବର୍ଷ ପରେ ବିଜୁ ଜନତା ଦଳର ସଫଳତାର ତାହା ହିଁ କାରଣ । ନିଜକୁ ଏବଂ ସଂଗଠନକୁ ସମ୍ପୂର୍ଣ୍ଣ ଭାବରେ ଲୋକଙ୍କ ସେବାରେ ସମର୍ପଣ ଭାବନାର ପ୍ରତିଫଳନ ହେଉଛି ଏହି ସଫଳତାର କାହାଣୀ ।

ପ୍ରାରମ୍ଭିକ ଅବସ୍ଥାରେ ଦଳ ଏବଂ ନବୀନ ବାବୁଙ୍କର ନେତୃତ୍ୱ ଅନେକ ଘାତ ପ୍ରତିଘାତ, ଅନେକ ଆହ୍ୱାନର ସମ୍ମୁଖୀନ ହୋଇଛି ଅତି ସରଳ ଭାବରେ ଓ ନିଷ୍ଠାପର ଢଙ୍ଗରେ ସେ ସକଳ ଆହ୍ୱାନକୁ ଦଳ ଓ ନେତୃତ୍ୱ ଅତିକ୍ରମ କରିଛି । ଲୋକଙ୍କ ସେବାରେ ଅଭିପ୍ରେତ ଏହି ଭାବନା ଓ ତଦନୁଯାୟୀ କାର୍ଯ୍ୟ ଦଳକୁ ଲୋକଙ୍କ ନିକଟତର କରିଛି ଏବଂ ନବୀନଙ୍କ ନେତୃତ୍ୱ ସଫଳତାର ଶୀର୍ଷ ଛୁଇଁପାରିଛି । ସରକାରଙ୍କ ପ୍ରତ୍ୟେକ ନିଷ୍ପତ୍ତି ଓ କାର୍ଯ୍ୟକ୍ରମ ଜନମଙ୍ଗଳକାରୀ ହୋଇଥିବାରୁ ଦଳ ଲୋକଙ୍କର ପ୍ରିୟଭାଜନ ହୋଇଛି ତଥା ନେତୃତ୍ୱ, ସଂଗଠନ ଓ ଲୋକଙ୍କ ଭିତରେ ଏକ ସୁଦୃଢ଼ ସେତୁ ନିର୍ମାଣ ହୋଇପାରିଛି । ନବୀନଙ୍କର ଭିନ୍ନ ସ୍ୱାଦର ବ୍ୟକ୍ତିତ୍ୱ ଓ ନେତୃତ୍ୱ ଏହି ୨୫ ବର୍ଷ ମଧରେ ତାଙ୍କୁ ଏକ ଅବିସମ୍ବାଦିତ ଜନନାୟକରେ ପରିଣତ କରିଛି । ଅଳ୍ପ କଥା କହୁଥିବା, ଅନ୍ୟକୁ କମ୍ ସମାଲୋଚନା କରୁଥିବା, ତୀବ୍ର ପ୍ରତିଦ୍ୱନ୍ଦୀମାନଙ୍କ ସହିତ ମଧ ବନ୍ଧୁତ୍ୱ ପୂର୍ଣ ଆଚରଣ କରୁଥିବା ଏବଂ ଓଡ଼ିଶାର ଅଗଣିତ ମଣିଷଙ୍କୁ ଅନ୍ତର ଭିତରୁ ସ୍ନେହ କରୁଥିବା ଏହି ନିଆରା ବ୍ୟକ୍ତିତ୍ୱ ଜନଗଣଙ୍କ ହୃଦୟ ଓ ମନରେ ଛାଇ ଯାଇଛନ୍ତି । ୨୫ ବର୍ଷ ତଳେ ନବୀନ ପଟ୍ଟନାୟକ ବିଜୁ ଜନତା ଦଳ ନାମରେ ଯେଉଁ ଚାରାଟିଏ ପୋତିଥିଲେ, ତାହା ଆଜି ମହାଦ୍ରୁମରେ ପରିଣତ ହୋଇଛି । ବିଜେଡି ଆଜି କେବଳ ଏକ ରାଜନୈତିକ ଦଳ ହୋଇ ରହିନି ବରଂ ଏହା ସାମୂହିକ ଆନ୍ଦୋଳନର ରୂପ ନେଇ ଓଡ଼ିଶାବାସୀଙ୍କ ନିକଟତର ହୋଇପାରିଛି । ପ୍ରତିଥରର ନିର୍ବାଚନୀ ସଫଳତା ଏହା ହିଁ ସୂଚାଉଛି ।

୨୫ ବର୍ଷର ସଫଳ ପାହାଚ ଚଢ଼ି ଦଳ ୨୬ ବର୍ଷରେ ପାଦ ଥାପିଛି । ୨୬ ଡିସେମ୍ବର ୧୯୯୭ ମସିହାରେ ପ୍ରତିଷ୍ଠିତ ଓଡ଼ିଶାର ଏହି ସର୍ବବୃହତ୍ ଆଞ୍ଚଳିକ ଦଳର ବିଶେଷତ୍ୱ ହେଲା-ଏହି ଦଳ ଜନ୍ମ ନେବା ପରଠାରୁ କେବେବି ନିର୍ବାଚନୀ ପରାଜୟର ସମ୍ମୁଖୀନ ହୋଇନି ବା କ୍ଷମତାରୁ ଦୂରେଇ ରହିନି । ୨୦୦୦ ମସିହାରୁ ଆଜିଯାଏଁ ଓଡ଼ିଶାବାସୀ ବିଜୁ ଜନତା ଦଳ ଉପରେ ଆସ୍ଥାପ୍ରକଟ କରିଆସୁଛନ୍ତି । ଦଳ ଗଠନରୁ ଏପର୍ଯ୍ୟନ୍ତ ସଭାପତି ଥିବା ନବୀନ ପଟ୍ଟନାୟକ କ୍ରମାଗତ ୫ମ ଥର ପାଇଁ ଓଡ଼ିଶାର ମୁଖ୍ୟମନ୍ତ୍ରୀ ହୋଇ ନୂଆ ଇତିହାସ ସୃଷ୍ଟି କରିଛନ୍ତି । ଦୀର୍ଘବର୍ଷ କ୍ଷମତାରେ ରହିବା ସତ୍ତ୍ୱେ ଦଳ ଆଜି ଓଡ଼ିଶାରେ ଏକ ମଜବୁତ ବା ଶକ୍ତିଶାଳୀ ସ୍ଥିତିରେ ରହିଛି । ପ୍ରତିଥର ନିର୍ବାଚନରେ ଦଳର ଭୋଟ୍ ହାର ବୃଦ୍ଧି ପାଉଛି । ଯାହା ଅନ୍ୟ ଦଳଗୁଡ଼ିକ ପାଇଁ ଈର୍ଷଣୀୟ । ବିଗତ ବର୍ଷଗୁଡ଼ିକରେ ଅନେକ ଆଞ୍ଚଳିକ ଦଳ ଓଡ଼ିଶାରେ ଜନ୍ମ ନେଇଛି ; କିନ୍ତୁ ଅଧିକାଂଶ ଦଳ ଓଡ଼ିଶାରେ ତିଷ୍ଠି ପାରି ନ ଥିବାବେଳେ ଆଉ କିଛି ବିଲୀନ ହୋଇଯାଇଛନ୍ତି । ବିଜେଡି ସେଥିରେ ଏକ ବ୍ୟତିକ୍ରମ ସୃଷ୍ଟି କରିଛି । ୧୯୯୭ ମସିହା ଏପ୍ରିଲ ୧୭ ତାରିଖରେ ବିଜୁ ବାବୁଙ୍କ ଦେହାନ୍ତ ପରେ ରାଜ୍ୟରେ ଅଣକଂଗ୍ରେସ ରାଜନୀତିର ନେତୃତ୍ୱ ନେବାରେ ଏକ ଶୂନ୍ୟସ୍ଥାନ ସୃଷ୍ଟି ହୋଇଥିଲା । ଠିକ୍ ଏହି ସମୟରେ ବିଜୁ ବାବୁଙ୍କ ନାମରେ ଦଳ ଗଠନ ଏବଂ ନବୀନ ପଟ୍ଟନାୟକଙ୍କ ଆବିର୍ଭାବ ରାଜ୍ୟ ରାଜନୀତିରେ ଅଣ କଂଗ୍ରେସ ନେତୃତ୍ୱର ଶୂନ୍ୟସ୍ଥାନକୁ ପୂରଣ କଲା । ରାଜନୀତିରେ ସମ୍ପୂର୍ଣ୍ଣ ନବାଗତ ଥିବା ନବୀନଙ୍କ କାର୍ଯ୍ୟଦକ୍ଷତାକୁ ନେଇ ଅତୀତରେ ଅନେକ ପ୍ରଶ୍ନ ଉଠାଯାଇଥିଲା; କିନ୍ତୁ ସେ ସମସ୍ତ ଆକ୍ଷେପକୁ ଭୁଲ ପ୍ରମାଣିତ କରି ବିରୋଧୀଙ୍କ ମୁହଁ ବନ୍ଦ କରିବାରେ ସକ୍ଷମ ହୋଇଛନ୍ତି ।

ବିଜେଡି ଗଠନ ହେବା ଦିନଠାରୁ ସଫଳତା ପାଇଆସୁଛି । ୧୯୯୮, ୧୯୯୯ ଲୋକସଭା ନିର୍ବାଚନ ହେଉ ବା ୨୦୦୦ ମସିହାରୁ ଆଜିଯାଏଁ ସାଧାରଣ ନିର୍ବାଚନ ; ସବୁଥରେ ବିଜେଡି ଉପରେ ଆସ୍ଥା ଅଜାଡ଼ି ଦେଇଛନ୍ତି ଜନତା । ୨୦୦୦ ଏବଂ ୨୦୦୪ ନିର୍ବାଚନରେ ବିଜେପି ସହ ମେଣ୍ଟ କରି ବିଜେଡି କ୍ଷମତାରେ ରହିଥିବା ବେଳେ ୨୦୦୯, ୨୦୧୪ ଏବଂ ୨୦୧୯ ନିର୍ବାଚନରେ ଏକାକୀ ବିଜେଡି ବିପୁଳ ସଂଖ୍ୟା ଗରିଷ୍ଠତା ହାସଲ କରି କ୍ଷମତାସୀନ ହୋଇଛି । ବିଜେଡି ପ୍ରତିଷ୍ଠା ବେଳେ ଯେଉଁମାନେ ପ୍ରମୁଖ ଭୂମିକାରେ ଥିଲେ ଧୀରେ ଧୀରେ ବିଭିନ୍ନ କାରଣରୁ ସେମାନେ ଦଳରୁ ଦୂରେଇ ଯାଇଛନ୍ତି । କେବଳ ଦୂରେଇ ଯାଇନାହାନ୍ତି ବିଜେଡିର ବଡ଼ ଶତ୍ରୁ ଭାବେ ଉଭା ହୋଇଛନ୍ତି । ପ୍ରତିପକ୍ଷମାନଙ୍କ ସହ ମିଶି ବିଜେଡିକୁ ଧରାଶାୟୀ କରିବାକୁ ଉଦ୍ୟମ କରିଛନ୍ତି । ହେଲେ ସେସବୁ ବିଫଳ ହୋଇଛି । ଦଳ ଏବଂ ଏହାର ନେତା ଏବେ ବି ଅପରାଜେୟ । ଗତ ୨୫ ବର୍ଷ ମଧରେ ଅପରିପକ୍ୱରୁ ଜଣେ ପରିପକ୍ୱ ତଥା ବିଚକ୍ଷଣ ରାଜନେତାର ପରିଚୟ ଦେଇଛନ୍ତି ନବୀନ । ନିର୍ବାଚନ ଠାରୁ ଆରମ୍ଭ କରି ସଂଗଠନ, ଦଳୀୟ ବ୍ୟାପାର ଠାରୁ ଆରମ୍ଭ କରି ସରକାରୀ ବ୍ୟବସ୍ଥା ୱାନ୍ ମ୍ୟାନ ଆର୍ମି ଭଳି ସବୁଠି ଦେଖିବାକୁ ମିଳିଛି ନବୀନଙ୍କ ପ୍ରଭାବ । ଏହି ଦୁଇ ଦଶନ୍ଧି ମଧରେ ନବୀନ ନିଜକୁ ଓ ବିଜେଡିକୁ ବ୍ରାଣ୍ଡ ଭାବେ ଗଢି ତୋଳିଛନ୍ତି । ଯେଉଁ ବ୍ରାଣ୍ଡ ଏବେ ଓଡ଼ିଶାର ପ୍ରତି ଗାଁରେ ପହଞ୍ଚିଛି । ବିଜେଡିରେ ନବୀନ ହିଁ ସର୍ବୋପରି ନେତା ଏଭଳି ଏକ ଧାରଣା ଲୋକଙ୍କ ମନରେ ସୃଷ୍ଟି ହୋଇଛି । ଏହାଛଡ଼ା ନବୀନଙ୍କ ସ୍ୱଚ୍ଛ ଏବଂ ନିର୍ମଳ ଭାବମୂର୍ତ୍ତି ଓ ନିର୍ବିବାଦୀୟ ଚେହେରା ବିଜେଡି ପାଇଁ ବରଦାନ ସାବ୍ୟସ୍ତ ହୋଇଛି । ଯେଉଁଥିପାଇଁ ଲଗାତାର ୫ ଥର ବିଜେଡି ସପକ୍ଷରେ ଜନମତ ଦେଉଛନ୍ତି ରାଜ୍ୟବାସୀ ମହିଳାଙ୍କୁ ବିଜେଡି ସବୁକ୍ଷେତ୍ରରେ ଅଗ୍ରାଧିକାର ଦେଇଆସୁଛି । ପଞ୍ଚାୟତ ଏବଂ ପୌର ନିର୍ବାଚନରେ ୫୦ ଭାଗ ମହିଳାଙ୍କୁ ସୁଯୋଗ ହେଉ କିମ୍ବା ବିଧାନସଭା ଏବଂ ଲୋକସଭା ନିର୍ବାଚନରେ ସଂରକ୍ଷଣ ଦେବାରେ ବିଜେଡି ଅନ୍ୟଦଳ ଅପେକ୍ଷା ଆଗରେ ରହିଛି । ମହିଳାମାନେ ଦଳର ଏକ ବଡ଼ ଭୋଟ୍ ବ୍ୟାଙ୍କ ବୋଲି ମଧ କୁହାଯାଉଛି ।

ରାଜ୍ୟରେ ଦୁଇଟି ପ୍ରମୁଖ ଜାତୀୟ ଦଳ ରହିଥିବା ବେଳେ କଂଗ୍ରେସ ସମ୍ପୂର୍ଣ୍ଣ ଦୁର୍ବଳ ସ୍ଥିତିକୁ ଚାଲିଆସିଛି । ବିଜେଡିର ଜୟଯାତ୍ରାରେ ବିଜେପି ପ୍ରତିବନ୍ଧକ ହେବ ବୋଲି ରାଜନୈତିକ ସମୀକ୍ଷକମାନେ ଯାହା ଆକଳନ କରୁଥିଲେ, ତାହା ମଧ ସଫଳ ହୋଇପାରିନି । ଜାତୀୟସ୍ତରରେ ୨୦୧୪ ନିର୍ବାଚନରେ ମୋଦୀ ହାୱା ଯେଉଁ ପ୍ରଭାବ ପକାଇଲା, ଓଡ଼ିଶାରେ ତାହାର ଝଲକ୍ ଦେଖିବାକୁ ମିଳିଲାନି । ୨୦୧୯ରେ ମଧ ବିଜେଡିକୁ କ୍ଷମତାଠୁ ଦୂରେଇବାରେ ବିଜେପିର ରଣନୀତି କାମ ଦେଲା ନାହିଁ । ଗତ କିଛି ମାସ ତଳେ ଅନୁଷ୍ଠିତ ପଞ୍ଚାୟତ ଏବଂ ପୌର ନିର୍ବାଚନରେ ଦଳ ଏକପାଖିଆ ବିଜୟ ହାସଲ କରିଛି । ୩୦ ଜିଲା ପରିଷଦ ଅଧକ୍ଷ ଆସନ ହାତେଇ ବିରଳ ରେକର୍ଡ ସୃଷ୍ଟି କରିଛି ବିଜେଡି । ସେହିପରି ବିଭିନ୍ନ ଉପନିର୍ବାଚନରେ ମଧ ଦଳର ପତିଆରା ଜାରି ରହିଛି । ଧାମନଗର ଉପନିର୍ବାଚନ ବିଜେଡିର ବିଜୟଧାରାରେ ବ୍ରେକ୍ ଲଗାଇଥିଲେ ହେଁ ବିଜେଡିର ପରିବର୍ତ୍ତିତ ରଣନୀତି ପଦ୍ମପୁର ଉପନିର୍ବାଚନରେ ବିପୁଳ ବିଜୟ ଆଣିଦେଲା । କେବଳ ରାଜ୍ୟ ରାଜନୀତି ନୁହେଁ ଜାତୀୟ ରାଜନୀତିରେ ମଧ ବିଜେଡିର ଦବଦବା ବିଭିନ୍ନ ସମୟରେ ଦେଖିବାକୁ ମିଳେ । ରାଷ୍ଟ୍ରପତି, ଉପରାଷ୍ଟ୍ରପତି ନିର୍ବାଚନ ହେଉ କିମ୍ବା ବିଭିନ୍ନ ବିଧେୟକକୁ ସମର୍ଥନ କରିବା ପାଇଁ କ୍ଷମତାରେ ଥିବା ଦଳକୁ ବିଜେଡିର ସହଯୋଗ ଆବଶ୍ୟକ ପଡ଼େ । ଦୁଇଦଶନ୍ଧି ପୂର୍ବରୁ ୨୦୦୦ ମସିହା ମାର୍ଚ୍ଚ ୫ ତାରିଖରେ ରାଜ୍ୟର ମୁଖ୍ୟମନ୍ତ୍ରୀ ଭାବରେ ନବୀନ ପଟ୍ଟନାୟକ ଶପଥ ନେଇଥିଲେ । ସେତେବେଳେ ସମ୍ମୁଖରେ ଥିଲା ଅପର୍ଯ୍ୟାପ୍ତ ଆହ୍ୱାନ । ମହାବାତ୍ୟା ବିଧ୍ୱସ୍ତ ଓଡ଼ିଶାର ପୁନଃନିର୍ମାଣ ଓ ଲକ୍ଷଲକ୍ଷ ବାସହୀନ ଲୋକଙ୍କ ଥଇଥାନ, ଅର୍ଥନୀତି ବିପର୍ଯ୍ୟସ୍ତ ରାଜ୍ୟର ପୁନରୁଦ୍ଧାର, ଅନାହାର- ଅନଟନ-ଅପପୁଷ୍ଟିର ଭୟ ରାଜ୍ୟ ରାଜନୈତିକ ଆକାଶକୁ ଧୂମ୍ରାଭ କରି ରଖିଥିଲା । ଏହି ସ୍ଥିତିରେ ରାଜ୍ୟର ମୁଖ୍ୟମନ୍ତ୍ରୀ ଭାବରେ ଶପଥ ନେଇଥିଲେ ନବୀନ ପଟ୍ଟନାୟକ । ଯାବତୀୟ ପ୍ରତିକୂଳ ପରିସ୍ଥିତି, ପ୍ରତିପକ୍ଷର ଅସୂୟା-ଅସହିଷ୍ଣୁତା, କ୍ଷମତା ଦଖଲର ଷଡ଼ଯନ୍ତ୍ର, ରାଜନୈତିକ ପଶାପାଲିର ଛକାପଞ୍ଝା ଖେଳ ସତ୍ତ୍ୱେ ନବୀନ ରହିଛନ୍ତି ଅଜେୟ ଅପରାଜେୟ । ରାଜ୍ୟର ସ୍ୱାର୍ଥକୁ ପ୍ରାଥମିକତା ଦେଇ ଓଡ଼ିଶାକୁ ନୂଆରୂପ ଦେବାରେ ବିଜେଡି ସରକାର ଏବଂ ନବୀନ ସଫଳ ହୋଇଛନ୍ତି । ଯେଉଁଥିପାଇଁ ଜାତୀୟସ୍ତରଠାରୁ ଆନ୍ତର୍ଜାତିକସ୍ତର ପର୍ଯ୍ୟନ୍ତ ମିଳିଛି ସ୍ୱୀକୃତି । ଦୁର୍ନୀତି ବିରୋଧରେ ସବୁବେଳେ ନବୀନ ଶୂନ୍ୟ ସହନଶୀଳ ଆଭିମୁଖ୍ୟ ପୋଷଣ କରିଆସିଛନ୍ତି । ପଞ୍ଚମ ପାଳିରେ 'ମୋ ସରକାର' ଓ '୫-ଟି' ନବୀନଙ୍କ ଶାସନର ଦୁଇ ପ୍ରମୁଖ ଦିଗରେ ପରିଣତ ହୋଇଛି । ଏହାଦ୍ୱାରା ସାଧାରଣ ସେବାକୁ ଲୋକଙ୍କ ନିକଟତର କରାଯାଇପାରିଛି । ପ୍ରଶାସନରେ ସ୍ୱଚ୍ଛତା ଆଣିବା ପାଇଁ ପଦକ୍ଷେପ ଗ୍ରହଣ କରାଯାଇଛି । ଲୋକଙ୍କ ଭାବାବେଗକୁ ସମ୍ମାନ ଦେଇ ରାଜ୍ୟର ଧାର୍ମିକ ଓ ଐତିହ୍ୟ ସମ୍ପନ୍ନ ସ୍ଥାନର ବିକାଶ ନିମନ୍ତେ ସ୍ୱତନ୍ତ୍ର ପଦକ୍ଷେପ ଗ୍ରହଣ କରାଯାଇଛି । ଶ୍ରୀକ୍ଷେତ୍ର, ଏକାମ୍ର, ସମଲେଶ୍ୱରୀ ହରିଶଙ୍କର ସହ ଅନ୍ୟାନ୍ୟ ସମ୍ପ୍ରଦାୟର ଧାର୍ମିକ ପୀଠର ଶ୍ରୀବୃଦ୍ଧି କାର୍ଯ୍ୟକ୍ରମ ହାତକୁ ନିଆଯାଇଛି । ସ୍ୱାସ୍ଥ୍ୟ ସେବାର ବିକାଶ ନିମନ୍ତେ ରାଜ୍ୟରେ ନୂଆ ଡ଼ାକ୍ତରଖାନା ନିର୍ମାଣ କରାଯାଇଛି । କଟକ ବଡ଼ ଡ଼ାକ୍ତରଖାନାକୁ ଏମ୍ସ ପ୍ଲସ ମାନ୍ୟତା ଦେବାକୁ ପ୍ରକ୍ରିୟା ଆରମ୍ଭ ହୋଇଛି । ନିଯୁକ୍ତି ସୁଯୋଗ ସୃଷ୍ଟି ପାଇଁ ନିବେଶକଙ୍କ ପାଇଁ ବିଛା ଯାଇ ରେଡ୍ କାର୍ପେଟ୍ । ଆଇଟି, ଶିକ୍ଷା, ଆତିଥେୟତା, ସ୍ୱାସ୍ଥ୍ୟ ହବ୍ ଭାବରେ ସାରା ପୂର୍ବଭାରତରେ ଓଡ଼ିଶା ପରିଚିତି ଲାଭ କରିଛି ।



## ପତାକା

### ମହାତ୍ମା ଗାନ୍ଧୀ

**ଯେ**କୌଣସି ଦେଶପାଇଁ ପତାକାର ଆବଶ୍ୟକତା ରହିଛି । ଏହି ପତାକା ନିମନ୍ତେ କୋଟି କୋଟି ମନୁଷ୍ୟ ପ୍ରାଣବଳି ଦେଇଛନ୍ତି । ଏଥିରେ କୌଣସି ସନ୍ଦେହ ନାହିଁ ଯେ ଏହା ହେଉଛି ଏକ ପ୍ରତିକୋପାସନା, ଏବଂ ତାହାକୁ ନଷ୍ଟ କରିଦେବା ଅପରାଧ ହିଁ ହେବ । କାରଣ ଗୋଟିଏ ପତାକା ଗୋଟିଏ ଆଦର୍ଶର ପ୍ରତିନିଧିତ୍ୱ କରୁଥାଏ । ଇଉନିଅନ୍ ଜ୍ୟାକୟର ଉତ୍ତୋଳନ ହେଲେ ଜଣେ ଇଂରେଜର ବକ୍ଷତଳେ ଯେଉଁ ଭାବରାଶି ଜାତ ହୁଏ, ତାହାର ଶକ୍ତିକୁ ମାପି କହିଦେବା ଅତ୍ୟନ୍ତ କଷ୍ଟକର ହେବ । ତାରା ଆଉ ଗାରଗୁଡ଼ିକ ଦ୍ୱାରା ଖଚିତ ପତାକାଟି ଜଣେ ଆମେରିକାବାସୀକୁ ଏକ ସମ୍ପୂର୍ଣ୍ଣ ବିଶ୍ୱର କଥା ଆଣି କହିଥାଏ । ତାରା ଏବଂ ବଙ୍କା ଜହ୍ନ ଅଙ୍କା ହୋଇଥିବା ପତାକା ଇସ୍‌ଲାମ୍‌ର ସର୍ବୋତ୍ତମ ସାହସକୁ ଅନୁପ୍ରେରିତ କରି ଆଣିଥାଏ ।

ଆମ ଭାରତବାସୀଙ୍କ ପାଇଁ - ହିନ୍ଦୁ, ମୁସଲମାନ, ଖ୍ରୀଷ୍ଟିଆନ୍, ଇହୁଦୀ, ପାର୍ସୀ ଏବଂ ଭାରତବର୍ଷକୁ ଘର ବୋଲି ସ୍ୱୀକାର କରି ନେଇଥିବା ସମସ୍ତଙ୍କ ପାଇଁ ଏକ ସାଧାରଣ ପତାକାର ନିର୍ଦ୍ଧାରଣ ହୋଇପାରିବା ଉଚିତ, ଯାହାପାଇଁ କି ଆମେ ଜୀଇପାରିବା ଓ ମରି ମଧ ପାରିବା ।

କ୍ଷମା ଭୀରୁର ନୁହେଁ, ସାହସୀର ଏକ ଗୁଣ । ରାଜା ବିରାଟଙ୍କ ଘରେ ଅଜ୍ଞାତବାସରେ ରହିଥିବା ସମୟରେ ଯେତେବେଳେ ପାଣ୍ଡବଭାଇଙ୍କ ମଧରୁ ଜଣେ ଆକସ୍ମିକ ଭାବରେ ଏକ ଆଘାତ ପାଇଥିଲେ, ସେତେବେଳେ ସେହି ଘଟଣାଟିକୁ ଯେ କେବଳ ଲୁଚାଇ ରଖୁ ନ ଥିଲେ ତା' ନୁହେଁ, ମାତ୍ର ଗୋଟିଏ ବିନ୍ଦୁ ରକ୍ତ ତଳେ ପଡ଼ିଲେ କାଳେ ତାହା ସେମାନଙ୍କର ଆଶ୍ରୟଦାତାଙ୍କର କୌଣସି କ୍ଷତି କରିବ, ସେଥିପାଇଁ ସେମାନେ ଗୋଟିଏ ସ୍ୱର୍ଣ୍ଣପାତ୍ରରେ ହିଁ ସେହି ରକ୍ତକୁ ପଡ଼ିବାକୁ ଦେଇଥିଲେ । ଜଣେ ଭାରତୀୟ ହିନ୍ଦୁ, ମୁସଲମାନ, ଖ୍ରୀଷ୍ଟିଆନ୍, ପାର୍ସୀ ବା ଶିଖ ଯାହା ହୋଇଥାଉ ପଛକେ, ମୋ'ର ଇଚ୍ଛା ସେ ସେହି ସହିଷ୍ଣୁତା ଓ ସାହସକୁ ନିଜ ଜୀବନରେ ବିକଶିତ କରାଉ ।

ଏପରି କୁହାଯାଇଛି ଯେ, ଜଣେ ଉତ୍ତମ ବ୍ୟକ୍ତିପାଇଁ ସମଗ୍ର ପୃଥିବୀ ଉତ୍ତମ ହିଁ ହୋଇଥାଏ । ଜଣେ ବ୍ୟକ୍ତିର କ୍ଷେତ୍ରରେ ଏହି କଥାଟି ଅବଶ୍ୟ ସତ । ମାତ୍ର, ମନ୍ଦ ସମ୍ମୁଖରେ ଆପଣାକୁ ପ୍ରୟୋଗ କରୁଥିବା ସମୟରେ ହିଁ ସଜନତା ପ୍ରକୃତରେ ଗତିଶୀଳ ହୋଇଥାଏ । କେବଳ ଭଲର ଜବାବ ଭଲଦ୍ୱାରା ଦେଉଥିବା ପର୍ଯ୍ୟନ୍ତ, ତାହାକୁ ଏକ ମୂଲଚାଲ ବୋଲି କୁହାଯିବ ଓ ସେଥିରେ ଆଦୌ କୌଣସି ଶ୍ରେୟ ନଥାଏ । ମାତ୍ର, ଯଦି ତୁମେ ମନ୍ଦିର ଉତ୍ତର ମଧ ଭଲଦ୍ୱାରା ଦେଇପାରିବ, ତେବେ ତାହା ପ୍ରକୃତରେ ଏକ ବିମୋଚନକାରୀ ଶକ୍ତିରେ ପରିଣତ ହୋଇଯାଏ । ତା' ସମ୍ମୁଖରେ ମନ୍ଦର କୌଣସି ଅସ୍ତିତ୍ୱ ରହେନାହିଁ ଓ ଭଲଟି ମଧ ଏପରି ବୃଦ୍ଧି ଏବଂ ଗତି ଲାଭ କରିବାକୁ ସମର୍ଥ ହୁଏ ଯେ, ତାହା ଗୋଟିଏ ବରଫପେଣ୍ଡୁ ପରି ପରିଶେଷରେ ଅପ୍ରତିରୋଧ ହିଁ ହୋଇଥାଏ ।

ଜଣେ ମନୁଷ୍ୟର ସୁଖ କହିଲେ କ'ଣ ବୁଝାଏ, ସେକଥା ଘୋଷଣା କରି କହିଦେବା ସୋଲୋନ୍‌ଙ୍କ ଲାଗି ଏକଦା କଷ୍ଟକର ହୋଇଥିଲା । ତେବେ, ଜଣେ ମନୁଷ୍ୟର ମହଭା ବିଷୟରେ ବିଚାର କରିବା ଆହୁରି କେତେ ଅଧିକ କଷ୍ଟକର ନହେବ ? ଯଥାର୍ଥ ମହାନ୍ତି ପୃଥିବୀରେ କେଉଁ ପର୍ବତ ଉପରେ ଥାପି ହୋଇ ରହି ନଥାଏ ଯେ ତାହାକୁ ସାଧାରଣ ମତିର ମନୁଷ୍ୟ ସମୂହ ଦେଖିବାକୁ ପାଇପାରିବେ । ଓଲଟି, ମୋ'ର ସତୁରି ବର୍ଷର ଅଭିଜ୍ଞତା ମୋତେ ଏହି ଶିକ୍ଷା ଦେଇଛି ଯେ, ଅଧିକାଂଶ ସମୟରେ, ଯେଉଁମାନେ ଯଥାର୍ଥରେ ନାହାନ୍ତି, ସେମାନଙ୍କର ଜୀବଦ୍ଦଶାରେ ସେମାନଙ୍କର ମହତ୍ତା ବିଷୟରେ ପୃଥିବୀ ଆଦୌ କିଛିହେଲେ ଜାଣି ନଥାଏ । କେବଳ ଈଶ୍ୱର ହିଁ ଯଥାର୍ଥ ମହାନତାର ବିଚାର କରି ପାରିବେ, କାରଣ ସେ ମନୁଷ୍ୟମାନଙ୍କର ହୃଦୟର କଥାକୁ ଜାଣିଛନ୍ତି ।

# ସ୍ୱର୍ବେଦ

**ପ୍ରକୃତି ପରିଣାମୀ ରହେ, କାରଣ କାରଜ ଭାଓ୍ୱ ।**
**ଆତମ ମଧ୍ୟମ ପୁରୁଷ ହୈ, ପରିଣିତ କର୍ମ ସ୍ୱଭାଓ୍ୱ ॥୩୧॥**

ଭାଷ୍ୟ - ପ୍ରକୃତି ପରିଣାମୀ ଅଟେ । ସେ କାରଣ ଆଉ କାର୍ଯ୍ୟ ଉଭୟ ରୂପକୁ ପ୍ରାପ୍ତ ହୋଇଥାଏ କିନ୍ତୁ ଚେତନ ଆତ୍ମା ପ୍ରକୃତିର କର୍ମ, ଗୁଣ ଏବଂ ସ୍ୱଭାବର ସମ୍ବନ୍ଧ ହେବା ଫଳରେ ଅନେକ ରୂପରେ ସ୍ଥିତ ହୋଇଥାଏ । ଆତ୍ମା ନିତ୍ୟ, ଚେତନ ସତ୍ତା ଅଟେ । ତାହାର ସ୍ୱରୂପ ସତ୍ତାରେ ପରିବର୍ତ୍ତନ ହୁଏ ନାହିଁ । ଅଳ୍ପ ଜ୍ଞାନୀ ହେବା ଫଳରେ ପ୍ରକୃତିର ଆବରଣ ଭିତରେ ଅନେକ ରୂପରେ ସ୍ଥିତ ହୋଇଥାଏ । ବାସ୍ତବରେ ଆତ୍ମା ଶୁଦ୍ଧ ସତ୍ତାରେ ରୂପାନ୍ତର ହୋଇ ନ ଥାଏ ।

**ଅକ୍ଷର ଅଟଲ କୁଟସ୍ଥ ହୈ, ପ୍ରକଟ ଗୁପ୍ତ ଦୋ ଭେଓ୍ୱ ।**
**ସାହେବ ଉତ୍ତମ ପୁରୁଷ ହୈଁ, ପରମକ୍ଷର ମମ ଦେଓ୍ୱ ॥୩୨॥**

ଭାଷ୍ୟ - ଅକ୍ଷର ପ୍ରକଟ ଏବଂ ଗୁପ୍ତ - ଏପରି ଦୁଇ ଭେଦରେ ସତ୍ୟ ସ୍ଥିତପ୍ରଜ୍ଞ ଅଟେ । ପରମ ପୁରୁଷ ସମସ୍ତଙ୍କର ଆରାଧ୍ୟ ଏବଂ ସେହି ଉତ୍ତମ ପରମ ପ୍ରଭୁ ମୋର ଦେବ ଅଟନ୍ତି ।

**ସତ ରଜ ତମ ଗୁଣ ଜାହିକେ, ପ୍ରକୃତି ମୂଳ କହ ତାହି ।**
**ମିଶ୍ରଣ ତ୍ରିଗୁଣ ତ୍ରିଘାତ ମେଁ, ସୃଷ୍ଟି ଅମିତ ଭଓ୍ୱ ଜାହି ॥୩୩॥**

ଭାଷ୍ୟ - ସତ୍ୱ, ରଜ ଓ ତମ - ଏହି ତ୍ରିଗୁଣର ସତ୍ତାକୁ ପ୍ରକୃତି କୁହାଯାଏ । ଏହି ତ୍ରିଗୁଣର ତ୍ରିଘାତରୁ ଅସୀମ ସୃଷ୍ଟି, ନାମରୂପ, ଚରାଚର ଜଗତର ସଂରଚନା ହୋଇଥାଏ ।

**ମାୟା ପରମାଣୂ ଭନେ, ପ୍ରକୃତି ଏକ ହୀ ଭାଓ୍ୱ ।**
**ପରିଭାଷା କେ ଭେଦ ହୈଁ, ତତ୍ତ୍ୱ ଅର୍ଥ ମହ ଆଓ୍ୱ ॥୩୪॥**


ଭାଷ୍ୟ - ମାୟା, ପରମାଣୁ ଏବଂ ପ୍ରକୃତି - ପରିଭାଷା ଭେଦରେ ମଧ୍ୟ ଏକାର୍ଥବାଚକ ତଥା ସମାନ ଭାବର ସୂଚକ ଅଟନ୍ତି ।

**ଜେହି ଓ୍ୱିଭାଗ ନହିଁ ହୋ ସକେ, ପରମାଣୂ କହ ତାହି ।**
**ସାଠ ଅଣୂ ପରମାଣୁ ହୈ, କିରଣ କଣା ଅଣୁ ଜାହି ॥୩୫॥**

ଭାଷ୍ୟ - ସୂର୍ଯ୍ୟଙ୍କର ରଶ୍ମି ସମ ଯେଉଁ କଣିକା ଦୃଶ୍ୟମାନ ହୋଇଥାଏ, ତାହାକୁ ଅଣୁ କୁହାଯାଏ । ଗୋଟିଏ ଅଣୁରେ ଷାଠିଏ ପରିମାଣ ପରମାଣୁ ରହିଥାନ୍ତି ଯାହାକୁ ବିଖଣ୍ଡିତ କରିବା ଦୂରୁହ ବ୍ୟାପାର । ତାକୁ ପରମାଣୁ କୁହାଯାଏ ।

**ସକଲ ପଦାରଥ ସୃଷ୍ଟି କେ, ସଗୁଣ ସହିତ ଗୁଣ ପାୟ ।**
**ନିର୍ଗୁଣ ସବ ଅନ୍ୟ ଗୁଣନ ସେ, ସଗୁଣ ଅଗୁଣ ଜଗ ଆୟ ॥୩୬॥**

ଭାଷ୍ୟ - ସୃଷ୍ଟିର ସକଳ ପଦାର୍ଥ ସ୍ୱ-ଗୁଣଯୁକ୍ତ ହୋଇ ସଗୁଣ ଅଟନ୍ତି ଓ ଅନ୍ୟର ଗୁଣରେ ନିର୍ଗୁଣ ଅଟନ୍ତି । ସଗୁଣ ଆଉ ନିର୍ଗୁଣ ଉଭୟ ପଦାର୍ଥ




ସଂସାରରେ ବିଦ୍ୟମାନ ରହିଛନ୍ତି ।

**ଅଗୁଣ ସଗୁଣ ଦୋଓ ଜୀଓ୍ୱ ହୈ, ପୁରୁଷ ଦୋନୋ ସେ ନ୍ୟାର ।**
**ନିର୍ଗୁଣ ମନ ତନ ସଗୁଣ ହୈ, ନିଜ ସ୍ୱରୂପ ଇନ ପାର ॥୩୭॥**

ଭାଷ୍ୟ - ନିର୍ଗୁଣ ଆଉ ସଗୁଣ ଉଭୟ ଜୀବ ଅଟନ୍ତି ଏବଂ ପରମ ପୁରୁଷ ଏ ଦୁଇଟିରୁ ଭିନ୍ନ ଅଟନ୍ତି । ମନ ନିର୍ଗୁଣ ଆଉ ଶରୀର ସଗୁଣ ଅଟେ ଏବଂ ଏ ଦୁଇଟିର ଊର୍ଦ୍ଧ୍ୱରେ ଆତ୍ମା ଅବସ୍ଥାନ କରେ ।

**ଓ୍ୱିକୃତ ଭୂତମୟ ସୃଷ୍ଟି ହୈ, ନାମ ରୂପ ସଂସାର ।**
**ଓ୍ୱର୍ଣ୍ଣ ଶବ୍ଦ କ୍ଷର ଜାନିୟେ, ପ୍ରକୃତି ମୂଲ ରହ ଧାର ॥୩୮॥**

ଭାଷ୍ୟ - ପ୍ରକୃତିର ବିକୃତି, ପଞ୍ଚଭୂତ ସୃଷ୍ଟି, ନାମ ରୂପ ଜଗତ ଏବଂ ସମସ୍ତ କ୍ଷର ବର୍ଣ୍ଣ ଏବଂ ଶବ୍ଦ - ଏ ସବୁର କାରଣ ଏବଂ ଆଧାର ମୂଳ ପ୍ରକୃତି ଅଟେ ।

**ପଞ୍ଚ ଶବ୍ଦ ବ୍ରହ୍ମାଣ୍ଡ କେ, ଅରୁ ଅନହଦ ମୟ ନାଦ ।**
**କ୍ଷର ଅନିତ୍ୟ ୟହ ଜାନିଏ, ତତ୍ତ୍ୱ ଦରଶୀ ତତ ଓ୍ୱାଦ ॥୩୯॥**

ଭାଷ୍ୟ - ସର୍ବ ତତ୍ତ୍ୱଦର୍ଶୀ ଅନୁଭବୀ ପୁରୁଷ, ବ୍ରହ୍ମାଣ୍ଡୀ ପଞ୍ଚଶବ୍ଦ, ଅନହଦ ନାଦ - ଏ ସବୁକୁ କ୍ଷର ଏବଂ ଅନିତ୍ୟ ବୋଲି ଅଭିହିତ କରିଥାନ୍ତି ।

**ଅକ୍ଷର ଭନେ କୁଟସ୍ଥ କୋ, ନିଃଅକ୍ଷର ସବ ପାର ।**
**ସବ ମେଁ ରହ ସବ ସେ ଅଲଗ, ଜେହି ଅଧାର ସଂସାର ॥୪୦॥**

ଭାଷ୍ୟ - କୂଟସ୍ଥକୁ ଅକ୍ଷର ବୋଲି କୁହାଯାଏ । ନିଃଅକ୍ଷର ପରମ ପୁରୁଷ ସକଳ ଦେହରେ ବ୍ୟାପକ ରୂପରେ ସର୍ବ ଭିନ୍ନ ସର୍ବାଧାର ହୋଇ ତିନିପାଦ ଅମୃତରେ ଏବଂ ପରମାନନ୍ଦ ସ୍ୱରୂପରେ ସ୍ଥିତ ହୋଇଥାନ୍ତି ।

**ସାର ଶବ୍ଦ ନିଃଅକ୍ଷର, ମାନୋ ଆର୍ଷ ପ୍ରୟୋଗ ।**
**ଗୁରୁଗମ ଭେଦ ଓ୍ୱିଓ୍ୱେକ ମେଁ, ଅନ୍ତର ଅନୁଭଓ୍ୱ ୟୋଗ ॥୪୧॥**

ଭାଷ୍ୟ - ନିଃଅକ୍ଷର ସାରଶବ୍ଦ ନିତ୍ୟ ଅନାଦି ସଦ୍‌ଗୁରୁଙ୍କର ବାଣୀ ଅଟେ । ସଦ୍‌ଗୁରୁଙ୍କର ଭେଦ-ସାଧନ ମାର୍ଗ ଦ୍ୱାରା ଅନୁଭବ ମାର୍ଗରେ ସାରଶବ୍ଦ, ପରମ ପୁରୁଷଙ୍କର ପ୍ରାପ୍ତି ହୋଇଥାଏ ।

**କାରଣ କାରଜ ସୃଷ୍ଟି କା, ଜଡ଼ ଚେତନ ଦୋଉ ରୂପ ।**
**ଅନ୍ତରାତମା ସକଲ କା, ଜଗଦାତମ ପର ରୂପ ॥୪୨॥**

ଭାଷ୍ୟ - ପ୍ରକୃତି କାର୍ଯ୍ୟ ରୂପରେ ପରିଣତ ହୋଇ ଚରାଚର ଜଗତର ରଚନା ହୋଇଥାଏ ଏବଂ ସେହି ଜଡ଼ ଚେତନ ସମସ୍ତ ସୃଷ୍ଟିର ଆଧାର ଆତ୍ମା ସଚ୍ଚିଦାନନ୍ଦ ପରମ ପୁରୁଷ ଅଟନ୍ତି ।

**ବ୍ରହ୍ମଜୀଓ୍ୱ ଅରୁ ପ୍ରକୃତି ସେ, ରଚନା ସୃଷ୍ଟି ପସାର ।**
**କାରଣ ଧାରକ ପୁରୁଷ ହୈ, ଚୌଥା ଅଗମ ଅପାର ॥୪୩॥**

ଭାଷ୍ୟ - ବ୍ରହ୍ମ, ଜୀବ ଓ ପ୍ରକୃତି ଦ୍ୱାରା ସମସ୍ତ ସୃଷ୍ଟିର ରଚନା ଆଉ ତାହାର ବିସ୍ତାର ହୋଇଥାଏ ଏବଂ ଚତୁର୍ଥ ଅଗମ୍ୟ ପରମ ପୁରୁଷ, ସମସ୍ତ ଜଗତର ଆଧାର ଯିଏ ସମସ୍ତଙ୍କୁ ଧାରଣ କରିଛନ୍ତି ସେ ନିମିତ୍ତ କାରଣ ଅଟନ୍ତି ।

**ଅକ୍ଷର ଚେଷ୍ଟା ସନିଧି ସେ, ପ୍ରକୃତି ଚାଲ ସଂସାର ।**
**କାରଜ କାରଣ ରୂପ ମେଁ, ନାଶ ଓ୍ୱଦତ ବ୍ୟଓ୍ୱହାର ॥୪୪॥**

ଭାଷ୍ୟ - ଅକ୍ଷରର ଚେଷ୍ଟାରେ ପରମାଣୁଗୁଡ଼ିକରେ ଗତି ପ୍ରକଟିତ ହୋଇଥାଏ ତଥା ବିଶାଳ ସୃଷ୍ଟିର ନିର୍ମାଣ ହୋଇଥାଏ । କାରଣ କାର୍ଯ୍ୟ ରୂପରେ ପରିଣତ ହେଲେ ସୃଷ୍ଟି ଏବଂ କାର୍ଯ୍ୟ ବ୍ୟବହାରର କାରଣ ରୂପରେ ପରିଣତ ହେଲେ ତାକୁ ନାଶ କୁହାଯାଏ ।

**ସତ ସ୍ୱରୂପ ଓ୍ୱହ ପ୍ରକୃତି ହୈ, ସତଚିତ ରୂପହିଁ ଜୀଓ୍ୱ ।**
**ସଚ୍ଚିଦାନନ୍ଦ ସ୍ୱରୂପ ହୈ, ସୋ ଜାନହୁ ନିଜ ପୀଓ୍ୱ ॥୪୫॥**

ଭାଷ୍ୟ - ସତ ସ୍ୱରୂପ ପ୍ରକୃତି, ସତ୍‌ଚିତ୍ ସ୍ୱରୂପ ଜୀବ ଓ ସଚ୍ଚିଦାନନ୍ଦ ସ୍ୱରୂପ ମୋର ଆରାଧ୍ୟ ଦେବତା ପ୍ରଭୁ ଅଟନ୍ତି ।

**ପ୍ରକୃତି ତ୍ରିଘାତ ଅନନ୍ତ ମେଁ, ପ୍ରକଟତ ରୂପ ଅନନ୍ତ ।**
**ଜଗ କୁଟସ୍ଥ ରଚନା କରେ, ମହିମା ଦେଓ୍ୱ ଅନନ୍ତ ॥୪୬॥**

ଭାଷ୍ୟ - ପରମାଣୁମାନଙ୍କର ଅନନ୍ତ ତ୍ରିଗୁଣ ତ୍ରିଘାତରୁ ଏହି ଅନନ୍ତ ରୂପକ ବିଶାଳ ସୃଷ୍ଟିର ରଚନା ହୋଇଥାଏ । ଏହି ସଂସାରର ରଚନା ପରଂବ୍ରହ୍ମଙ୍କର ଆଧାରରେ କୂଟସ୍ଥ ଅକ୍ଷର ଦ୍ୱାରା ହୋଇଥାଏ । ସେହି ପ୍ରଭୁଙ୍କର ମହିମା ଅନନ୍ତ ଅଟେ । ଏହି ବିଶାଳ ସୃଷ୍ଟିର ରଚୟିତା ଅନନ୍ତ ମହାପ୍ରଭୁ ଅଟନ୍ତି ।

**ପରମାଣୂ ଦୋ ମଧ୍ୟ ମେଁ, ଚିଦାକାଶ ପରକାଶ ।**
**ଏକ ପାଦ ଘୀରା ରହେ, ରଚନା ସମୟ ଓ୍ୱିକାଶ ॥୪୭॥**

ଭାଷ୍ୟ - ଦୁଇଟି ପରମାଣୁ ମଧ୍ୟରେ ଚିଦାକାଶ ଅବସ୍ଥିତ । ଏକପାଦର ମଣ୍ଡଳ ଅଛି, ଯେଉଁଥିରେ ପରମାଣୁମାନଙ୍କ ଦ୍ୱାରା ପ୍ରଳୟର ଅନ୍ତ ପରେ ସୃଷ୍ଟିର ବିକାଶ ହୋଇଥାଏ । ସୃଷ୍ଟିର ମୂଳ ପରମାଣୁ, ପ୍ରଳୟରେ ଶାନ୍ତ, ନିସ୍ପନ୍ଦ ରହିଥାନ୍ତି ଏବଂ ସୃଷ୍ଟିର ପ୍ରାରମ୍ଭରେ ସେହି ପରମାଣୁଗୁଡ଼ିକରେ ଗତି ଆସିଥାଏ ଯାହା ଦ୍ୱାରା ଜଗତର ରଚନା ହୋଇଥାଏ ।

**ଜୀଓ୍ୱନ କର୍ମ ଓ୍ୱିଚିତ୍ର ହୈ, ତେଂଓ୍ୱ ଓ୍ୱିଚିତ୍ର ସଂସାର ।**
**ଭେଦ ଓ୍ୱିଭାଗ ଅନନ୍ତ ହୈ, ସୋ ସବ କର୍ମ ଅଧାର ॥୪୮॥**

ଭାଷ୍ୟ - ଜୀବମାନଙ୍କର ବିଚିତ୍ର କର୍ମରୁ ହିଁ ସଂସାର ବିଚିତ୍ରତାରେ ପରିପୂର୍ଣ୍ଣ ହୋଇଅଛି ଏବଂ ସେମାନଙ୍କର ଅନନ୍ତ ପ୍ରକାରର ଭେଦ ବିଭାଗ ଅଛି । ସେସବୁର କାରଣ କର୍ମ ଅଟେ । କର୍ମର ବିଭିନ୍ନତା ଯୋଗୁଁ ସୃଷ୍ଟି ବିଚିତ୍ର ଅଟେ ।

**ଓ୍ୱ୍ୟାପକ ବ୍ୟାପ୍ୟ ସମ୍ବନ୍ଧ ହୈ, ପାସ୍ୟ ଉପାସକ ଆଓ୍ୱ ।**
**ଅରୁ ଆଧାର ଆଧେୟ ହୈ, ସ୍ୱାମୀ ସେଓ୍ୱକ ଭାଓ୍ୱ ॥୪୯॥**

ଭାଷ୍ୟ - ଜୀବ ଏବଂ ପ୍ରକୃତି ଭିତରେ ପରମ ପ୍ରଭୁ ଓତପ୍ରୋତ ବ୍ୟାପକ ଅଟନ୍ତି । ଜୀବ ଏବଂ ବ୍ରହ୍ମର ସମ୍ବନ୍ଧ ବ୍ୟାପ୍ୟ-ବ୍ୟାପକ, ଉପାସ୍ୟ-ଉପାସକ, ଆଧାର-ଆଧେୟ ଏବଂ ସ୍ୱାମୀ-ସେବକର ଅଟେ । ଜୀବ ପରଂବ୍ରହ୍ମଙ୍କର ଉପାସନାରେ ଜନ୍ମ ମରଣରୁ ମୁକ୍ତ ହୋଇ ପରମାନନ୍ଦଙ୍କୁ ପ୍ରାପ୍ତ କରିଥାଏ । ସମସ୍ତଙ୍କର ସ୍ୱାମୀ ସର୍ବ ଆରାଧ୍ୟ ନିଃଶବ୍ଦ ପରମ ପୁରୁଷ ଅଟନ୍ତି ।

**ଆତମ ପରମାତମ ଗୁଥା, ମଣି ଇଓ୍ୱ ସୂତ୍ର ସମାନ ।**
**ସୋ ୟହ ନିତ୍ୟ ସମ୍ବନ୍ଧ ହୈ, ଛୂଟ ନ କବହୂ ଜାନ ।୫୦॥**

ଭାଷ୍ୟ - ମଣିରେ ସୂତା ସମାନ ଆତ୍ମାରେ ପରମାତ୍ମା ସଂଲଗ୍ନ ହୋଇ ରହିଛନ୍ତି । ଜୀବ ଏବଂ ବ୍ରହ୍ମର ନିତ୍ୟ ନିତ୍ୟ ସମ୍ବନ୍ଧ କଦାପି ଛାଡ଼େ ନାହିଁ ।

## ସ୍ତନ କର୍କଟରୁ ରକ୍ଷା କରିବ ଚେରୀ ଜୁସ୍

ଚେରୀ ଖୁବ୍ ସ୍ୱାଦିଷ୍ଟ ଫଳ । ଏହାର ଖଟା ମିଠା ସ୍ୱାଦ ସମସ୍ତଙ୍କୁ ପସନ୍ଦ । ତେବେ ଜାଣନ୍ତି, ଚେରୀ କେବଳ ପାଟିକୁ ସୁଆଦିଆ କରେ ତା' ନୁହେଁ ବରଂ ଏଥିରେ ଥିବା ଭିଟାମିନ୍ ଏ, ବି, ସି, ବିଟା କ୍ୟାରୋଟିନ୍, କ୍ୟାଲସିୟମ, ପଟାସିୟମ ଏବଂ ଫସ୍‌ଫରସ୍ ଶରୀରକୁ ବିଭିନ୍ନ ରୋଗରୁ ରକ୍ଷା କରିଥାଏ । ଚେରୀରେ ତିଆରି ଜୁସ୍‌ରେ ପ୍ରଚୁର ମାତ୍ରାରେ



ଆଣ୍ଟିଅକ୍ସିଡାଣ୍ଟ ଏବଂ ସେଲିସାୟାଲିକ୍ ଏସିଡ୍ ମହଜୁଦ୍ ଥାଏ । ଏହା ପାଚନ ସମ୍ବନ୍ଧୀୟ ସମସ୍ୟାକୁ ଦୂର କରିବାରେ ସହାୟକ ହୋଇଥାଏ । କେବଳ ସେତିକି ନୁହେଁ ଚେରୀ ଜୁସ୍‌କୁ ନିୟମିତ ସେବନ କଲେ, ଏହା ରୋଗପ୍ରତିରୋଧକ ଶକ୍ତି ବଢ଼ାଇଥାଏ । ଯଦ୍ୱାରା ସ୍ତନ କର୍କଟ ଭଳି ଦୁରାରୋଗ୍ୟରୁ ରକ୍ଷା ମିଳିଥାଏ ।

## ବହୁ ଉପକାରୀ ଖଜୁରୀ

ସର୍ବପ୍ରଥମେ ମୋଗଲମାନେ ହିଁ ଭାରତରେ ଖଜୁରୀ ବ୍ୟଞ୍ଜନର ମୂଳଦୁଆ ପକାଇଥିବାର ବିଶେଷଜ୍ଞଙ୍କ ମତ । ସାଉଦି ଆରବ, ଭାରତର କେତେକ ପ୍ରାନ୍ତ ସହ ବ୍ରିଟେନରେ ଏହି ଖଜୁରୀ କୋଳିର ଆଦର ବେଶ୍ ରହିଛି । ନିୟମିତ ଭାବେ ଖଜୁରୀ ଖାଇଲେ ତାହା ସ୍ୱାସ୍ଥ୍ୟ ଉପରେ ଉତ୍ତମ ପ୍ରଭାବ ପକାଇଥାଏ ବୋଲି ବିଶେଷଜ୍ଞଙ୍କ ମତ ।



ଡାଇରିଆ ରୋଗୀ ଖଜୁରୀ ଖାଇଲେ ସେମାନଙ୍କୁ ଉପଶମ ମିଳିଥାଏ । ପୂର୍ବେ ଶରୀର ଦୁର୍ବଳତା ରୋଗ ଦୂର କରିବା ନିମନ୍ତେ ବଇଦମାନେ ଖଜୁରୀକୁ ବ୍ୟବହାର କରି ଔଷଧ ପ୍ରସ୍ତୁତ କରୁଥିଲେ ।

ଯୁବତୀ ଓ ମହିଳାମାନେ ଏହି ଖଜୁରୀ ଖାଇବା ଉପକାରୀ । ଏହା ସେମାନଙ୍କୁ ଶକ୍ତି ଯୋଗାଇବା ସହ ଗର୍ଭବତୀ ସମୟରେ ପୋଷାକତତ୍ତ୍ୱ ଉଭୟ ମା' ଓ ଶିଶୁକୁ ଯୋଗାଉଥିବାର ବିଶେଷଜ୍ଞଙ୍କ ମତ ।

ମିଳିଥିବା ତଥ୍ୟ ଅନୁସାରେ ପ୍ରତ୍ୟହ ଖଜୁରି ଖାଇଲେ ପାକସ୍ଥଳୀ କର୍କଟ, ଗର୍ଭାଶୟ କର୍କଟ, ଯକୃତ କର୍କଟ ହେବାର ଆଶଙ୍କା ଯଥେଷ୍ଟ କମ୍ ।

ହୃଦରୋଗୀମାନେ ପ୍ରତ୍ୟହ ଖଜୁରୀ ଖାଇବା ଖୁବ୍ ଭଲ । ଗବେଷଣାରୁ ପ୍ରକାଶ ଯେ ସପ୍ତାହକୁ ଅନ୍ତତଃ ୨ ଥର ଖଜୁରୀ କୋଳି ଖାଇଲେ ସେମାନଙ୍କ କୋଲେଷ୍ଟରଲ ସ୍ତର ନିୟନ୍ତ୍ରିତ ରହିଥାଏ । ଖଜୁରୀରେ ପ୍ରଚୁର ପରିମାଣରେ ପୋଷକତତ୍ତ୍ୱ ଥିବାରୁ ତାହା କେଶ ଓ ତ୍ୱଚା ପାଇଁ ମଧ ଉତ୍ତମ ।

## ଟିକିଏ ହସନ୍ତୁ

ମନୋସ୍କାମନା ପୂରଣ କରିବାକୁ ସ୍ୱାମୀ ସ୍ତ୍ରୀ ଟଙ୍କା ପକାଇବାକୁ କୁଅ ପାଖକୁ ଗଲେ ।
ପ୍ରଥମେ ସ୍ୱାମୀ ଗଲା ଟଙ୍କା ପକାଇବାକୁ । ହେଲେ ସ୍ତ୍ରୀ ଯେତେବେଳେ ଗଲା ତା'ର ଗୋଡ଼ ଖସିଗଲା ଏବଂ କୁଅରେ ଗଳି ପଡିଲା ।
ସ୍ୱାମୀ: ଭଗବାନ ଆପଣ ଏତେ ଜଲଦି ମୋ ଡାକ ଶୁଣିନେଲେ ।

× × ×

ପିଙ୍କୁ: ଆମ ପଡୋଶୀ ମୋ ସହିତ ଏତେ ମିଠା ମିଠା କଥା କହୁଛନ୍ତି ଯେ ସତରେ ମତେ ସୁଗାର ହୋଇଗଲାଣି ।
ଚିଙ୍କୁ: ତା' ହେଲେ ତୁ କେମିତି କଣ୍ଟ୍ରୋଲ କରୁଛୁ ?
ପିଙ୍କୁ: ମୋ ସ୍ତ୍ରୀକୁ ଧନ୍ୟବାଦ । ଗଳାରୁ ଏତେ ବିଷ ଓଗାଳୁଛି ଯେ ମୋର ସବୁ ସୁଗାର ଚାଲିଯାଉଛି ।

× × × ×

ମୋନୁ: ବାହା ହୋଇଥିବା ବ୍ୟକ୍ତି ଖବର କାଗଜରେ କେବେ ତାଙ୍କର ରାଶିଫଳ ଦେଖନ୍ତି ନାହିଁ ।
ସୋନୁ: ସେ ସ୍ତ୍ରୀର ଚେହେରା ଦେଖି ଜାଣିନେବ ଆଜିର ଦିନ କେମିତି କଟିବ ।



× × × ×

ଛାତ୍ର: ସାର୍ ମୁଁ କିଛି କହିବି ।
ସାର୍: ହଁ କୁହ ।
ଛାତ୍ର: ମୁଁ ଯେଉଁ କାମ କରି ନାହିଁ କ'ଣ ଆପଣ ମତେ ତା'ର ଦଣ୍ଡ ଦେବେ ।
ସାର୍: ବିଲକୁଲ୍ ନୁହେଁ ।
ଛାତ୍ର: ମୁଁ ଆଜି ହୋମଓ୍ୱାର୍କ କରିନି ।

× × × × × ×

ମହେଶ ସ୍ତ୍ରୀକୁ: ଜାଣିଛ ସବୁଦିନ ସକାଳେ ଆଖି ଖୋଲୁ ଖୋଲୁ ମୁଁ ଭଗବାନଙ୍କୁ ପ୍ରାର୍ଥନା କରେ, ତମଭଳି ସ୍ତ୍ରୀ ସମସ୍ତଙ୍କୁ ମିଳୁ ।
ସ୍ତ୍ରୀ: ସତ ।
ମହେଶ- ହଁ । କାହିଁକି ନା ଭାବେ ଦୁନିଆରେ ଏକୁଟିଆ ମୁଁ ହିଁ କାହିଁକି ଦୁଃଖୀ ରହିବି ।

× × × × × ×

ପରୀକ୍ଷାରେ କମ୍ ମାର୍କ ଆସିବାରୁ ମା'
ପପୁକୁ: ହଉ ମନ ଦୁଃଖ କରନା । ଏବେ ତୁ ଭଗବାନଙ୍କ ଭକ୍ତି ଉପରେ ଧ୍ୟାନ ଦେ ।
ଦେଖିବୁ ନିଶ୍ଚୟ ସଫଳ ହେବୁ ।
ପପୁ: ମା' ତମକୁ ଆଉ କ'ଣ କହିବି, ପଡିଶା ଘର ଭଗବାନ ଅଙ୍କଲଙ୍କ ଝିଅ ଭକ୍ତି ଉପରେ ଧ୍ୟାନ ଦେବାରୁ ହିଁ ତ ମୋର ରେଜଲ୍ଟ ଖରାପ ହେଲା ।

# ଅଁଳାର ଉପକାରିତା

ଅଁଳା ଭାରତୀୟ ଆୟୁର୍ବେଦର ଏକ ପ୍ରମୁଖ ଔଷଧ । ଏଥିରେ ଭିଟାମିନ୍ 'ସି' ପ୍ରଚୁର ପରିମାଣରେ ଥାଏ । ଏହା ବ୍ୟତୀତ ଏଥିରେ କାଲସିୟମ୍, ଫସଫରସ, ଆଇରନ, କାରୋଟିନ୍, ଭିଟାମିନ୍ 'ବି' କମ୍ପ୍ଲେକ୍ସ ଅଛି । ଏହି ଗଛ ଭାରତ ଓ ଦକ୍ଷିଣ ପୂର୍ବ ଏସିଆରେ ଦେଖାଯାଏ । ଅଁଳାକୁ ବିଭିନ୍ନ ଉପାୟରେ ଖିଆଯାଏ । ଏହାର ରସ, ଆଚାର, ଅଁଳା ଶୁଖା ଆଦି ବେଶ୍ ସ୍ୱାଦଯୁକ୍ତ ।

ଥଣ୍ଡା କାଶ, ତଣ୍ଟି ଦରଜ ଆଦି ହେଲେ ଅଁଳା ପାଟିରେ ଜାକିଲେ ସୁଫଳ ମିଳେ ।

ଗଣ୍ଠିବାତରେ ଏହା ଦରଜ ଦୂର କରେ । ଏହା ଦୃଷ୍ଟିଶକ୍ତି ବୃଦ୍ଧି କରେ ।

ଆଖି କୁଣ୍ଡାଇବା ଏବଂ ଆଖି ନାଲି ପଡିବା ଆଦି ସହଜରେ ଦୂର କରିଥାଏ । ସେଥିପାଇଁ ଅଁଳା ଖାଇବା ଆବଶ୍ୟକ ।

କୋଷ୍ଠ କାଠିନ୍ୟ ଓ ବଦହଜମି ସହଜରେ ଦୂର ହୋଇଥାଏ ।

ମୋଟା ପଣିଆ ଓ କୋଲଷ୍ଟେରଲ ହ୍ରାସ ପାଇଥାଏ । ମଧୁମେହ ହ୍ରାସ କରାଇଥାଏ । ରକ୍ତ ଶର୍କରା ମାତ୍ରା ସାମାନ୍ୟ ଅଧିକ ଥିଲେ ଅଁଳା, ହଳଦୀ ଅଳ୍ପ ମହୁରେ ମିଶାଇ ଖାଇଲେ ଉପକାର ମିଳିଥାଏ । ପାଟିର ପୁରୁଣା ଘା' ଭଲ କରେ । ଅଁଳା ରସ ପାଣିରେ ମିଶାଇ କୁଳି କଲେ ଜିଭ, ପାଟି ଘା' ଭଲ ହୋଇଯାଏ ।

ପେଟର ଅମ୍ଳତ୍ୱ ଦୂର କରେ । ଅଁଳା ଏସିଡିଟି, ଗାଷ୍ଟ୍ରାଇଟିସ୍, ପେପଟିକ୍ ଅଲସର, ପାଇଲସ୍ ଆଦିକୁ ଉପଶମ କରେ ।

ରକ୍ତ ପରିଷ୍କାର କରେ । ରକ୍ତର



ବିଷାକ୍ତ ପଦାର୍ଥ ବାହାର କରିବାରେ ସାହାଯ୍ୟ କରେ । ରକ୍ତରେ ହିମୋଗ୍ଲୋବିନ୍ ଏବଂ ଲୋହିତ ରକ୍ତ କଣିକାର ମାତ୍ରା ବଢ଼ାଏ ।

ଅଁଳା ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି କରିଥାଏ । ହଜମ ପ୍ରକ୍ରିୟା ତ୍ୱରାନ୍ୱିତ କରି ଓଜନ କମାଏ । ଅଁଳା ନିଦ୍ରାହୀନତା କମାଏ । ଦେହର ହାଡ଼ ଗଠନରେ ଅଁଳା ସାହାଯ୍ୟ କରେ । ଅଁଳା କ୍ୟାନସର ପ୍ରତିରୋଧକ ।

ହୃଦରୋଗ ପ୍ରତିରୋଧ କରିବାରେ ଅଁଳାର ପ୍ରମୁଖ ଭୂମିକା ରହିଛି । ଧୂମପାନଜନିତ ଫୁସଫୁସ୍ ରୋଗ (ସିଓପିଡି) ରୋଗରେ ଅଁଳା ସୁରକ୍ଷା ଦିଏ । କମଳା ହେପାଟାଇଟିସ୍ ରୋଗରେ ଏହା କାମଳର ପରିମାଣ କମାଇଥାଏ । ଅଁଳା ପିତ୍ତକୋଷ ପଥରର ମାତ୍ରା କମାଇଥାଏ ।

ଯେଉଁ ସବୁ ଧମନୀ ବନ୍ଦ ହୋଇ ଚର୍ବି ଜମିଥାଏ, ଅଁଳା ତାହା ସଫା କରିଥାଏ ।

# ଡାଇବେଟିସ୍ ପାଇଁ କଳା ଜିରା

କଳାଜିରା ଖାଇବା ଦ୍ୱାରା ଡାଇବେଟିସ୍ ନିୟନ୍ତ୍ରଣରେ ରହେ । ବିଭିନ୍ନ ଅଧ୍ୟୟନରୁ ଜଣାପଡିଛି ଯେ, କଳାଜିରାରେ ଆଣ୍ଟି ଡାଇବେଟିକ୍ ପ୍ରୋପର୍ଟି ଭରପୁର



ମାତ୍ରାରେ ରହିଛି । ସେଥିପାଇଁ ହାଇ ବ୍ଲଡ ସୁଗାରକୁ ନିୟନ୍ତ୍ରଣରେ ରଖିବା ପାଇଁ କଳାଜିରା ଖାଇବାକୁ ପରାମର୍ଶ ଦିଆଯାଏ । ଡାଇବେଟିସ୍, ହାଇବ୍ଲଡସୁଗର ପୀଡିତ ଲୋକମାନଙ୍କ ପାଇଁ କଳାଜିରା ମହତ୍ତ୍ୱପୂର୍ଣ୍ଣ ଅଟେ । ସେଥିପାଇଁ ଡାଇବେଟିସ୍ ରୋଗୀମାନେ ତାଙ୍କ ଖାଦ୍ୟରେ କଳାଜିରାକୁ ସାମିଲ କରିବା ଉଚିତ୍ । କଳାଜିରା ଏକ ପ୍ରକାରର ମସଲା । ତରକାରୀରେ ଫୁଟାଇବା ପାଇଁ କଳାଜିରାର ଆବଶ୍ୟକତା ରହିଛି । ଏହା ବ୍ୟତୀତ ମଠରୀ, ପରଟା ଓ ଆଚାର ତିଆରି କରିବା ପାଇଁ କଳାଜିରାକୁ ମୁଖ୍ୟ ମିଶ୍ରଣ ବୋଲି ଧରାଯାଏ । ଏହା ଖାଦ୍ୟରେ ଫ୍ଲେଭର ଦେବା ସହିତ ଭୋଜନକୁ ସ୍ୱାଦିଷ୍ଟ ମଧ କରେ । ହାଇ ବ୍ଲଡ ସୁଗାର ସ୍ତରକୁ ନିୟନ୍ତ୍ରଣ କରିବା ପାଇଁ କଳାଜିରାକୁ ଖାଲି ପେଟରେ ଖାଇଲେ ଏହା ନିୟନ୍ତ୍ରଣରେ ରଖେ । ସେହିପରି ରାତିରେ ୨ ଚାମଚ କଳାଜିରା ଏକ ଗ୍ଲାସ ପାଣିରେ ଭିଜାଇ ରଖନ୍ତୁ । ସକାଳୁ ଖାଲି ପେଟରେ ଏହି ପାଣିକୁ ପିଅନ୍ତୁ ।

# ହଳଦିର ହଜାରେ ଗୁଣ

ଓଜନ ହ୍ରାସ କରିବାଠୁ ଆରମ୍ଭ କରି ଶରୀରକୁ ସୁସ୍ଥ ରଖିବାରେ ହଳଦୀ ବହୁ ଉପକାରୀ । ପାଚୀନ କାଳରୁ ଔଷଧୀୟ ଗୁଣ ଯୋଗୁଁ ଏହାର ବ୍ୟବହାର କରାଯାଉଛି । ହଳଦୀରେ ଭରପୂର ମାତ୍ରାରେ ଆଣ୍ଟିଅକ୍ସିଡାଣ୍ଟ ରହିଛି । ଏହା ପେଟ ସମସ୍ୟା, ମେଟାବୋଲିକ୍ ଡିଜର୍ଡର, ମେଦବହୁଳତା ଓ ଅନ୍ୟ ସମସ୍ୟା ଦୂର କରିପାରେ । କ୍ଷୀରରେ ହଳଦୀ ମିଶାଇ ପିଇବା ଦ୍ୱାରା ଆଣ୍ଠୁଗଣ୍ଠି ଦରଜରୁ ଆରାମ ମିଳିଥାଏ । ସକାଳୁ ଉଷୁମ ପାଣିରେ ହଳଦୀ ମିଶାଇ ପିଇଲେ ଶରୀରରୁ ବିଷାକ୍ତ ତତ୍ତ୍ୱ ଦୂର ହୋଇଥାଏ । ହଳଦୀ ସୁଗାର ସ୍ତର କମ୍ କରି ଇନସୁଲିନ ପ୍ରତିରୋଧ ରୋକିବା ଦ୍ୱାରା ଓଜନ କମିଥାଏ । ପ୍ରତ୍ୟେକଙ୍କ ଖାଦ୍ୟରେ ହଳଦୀ ସାମିଲ ହେବା ଉଚିତ । ଏହା ପେଟରେ ପାଚକ ରସ ପିତ୍ତ ଉତ୍ପାଦନ ବୃଦ୍ଧି କରିଥାଏ । ଆୟୁର୍ବେଦରେ ହଳଦୀକୁ ଦରଜ ନିବାରଣ ଔଷଧୀ ଭାବେ ବ୍ୟବହାର କରାଯାଏ । ହଳଦୀର ଆଣ୍ଟିବ୍ୟାକ୍ଟେରିଆ ଗୁଣ ମଧ ଅଛି ।



# ସ୍ୱାସ୍ଥ୍ୟବର୍ଦ୍ଧକ ସପୁରୀ

ସପୁରୀରେ ପୋଷକ ତତ୍ତ୍ୱ ଭରପୁର ଏହାର ରସ ଯେତିକି ସ୍ୱାସ୍ଥ୍ୟବର୍ଦ୍ଧକ, ସେତିକି ଶକ୍ତିବର୍ଦ୍ଧକ । ଗଣ୍ଠିବାତ ଭୋଗୁଥିବା ବ୍ୟକ୍ତି ନିୟମିତ ସପୁରୀ ରସ ପିଇବା ଉଚିତ୍ ।



ଗର୍ଭବତୀଙ୍କ ପାଇଁ ଏହା 'ଟନିକ୍'ର କାମ କରେ । ଗର୍ଭାବସ୍ଥାରେ ମହିଳାମାନଙ୍କୁ ସ୍ୱାଭାବିକ ଭୋଜନଠାରୁ କିଛି ଅଧିକ ଆବଶ୍ୟକ ହୁଏ । ସେଥିରୁ ଅଧିକାଂଶ ପୂରଣ କରେ ସପୁରୀ ରସ । ଏହା ପାଚନ ତନ୍ତ୍ରକୁ ମଜଭୂତ କରେ ଏବଂ ଖାଦ୍ୟ ହଜମ କରିବାରେ ସହାୟକ ହୁଏ ।

# ସୁସ୍ଥ ରଖିବ ସଜନା ଶାଗ

ଶାଗ ପ୍ରତ୍ୟେକ ମଣିଷ ପାଇଁ ଅମୃତ ପରି । ସେଥିପାଇଁ ପ୍ରକୃତି ଭିନ୍ନ ଭିନ୍ନ ଶାଗର ସମ୍ଭାର ସଜାଡିଛି ମଣିଷମାନଙ୍କ ପାଇଁ । ବଜାରରେ ମିଳୁଥିବା ଶାଗ ମଧରୁ ଅନ୍ୟତମ ହେଉଛି ସଜନା ଶାଗ । ସଜନା ଶାଗ ହାଡ଼କୁ ମଜବୁତ୍ କରିବା, ରୋଗ ପ୍ରତିରୋଧକ ଶକ୍ତି ବଢ଼ାଇବା ସହ ଯୌନ କ୍ଷମତାକୁ ମଧ ବଢ଼ାଇଥାଏ ।



ସଜନା ଗଛ ପ୍ରାୟ ସମସ୍ତଙ୍କ ବାଡିରେ ଦେଖିବାକୁ ମିଳିଥାଏ । ସଜନା ଶାଗରେ ଭରି ରହିଛି ଆଣ୍ଟି ବ୍ୟାକ୍ଟେରିଆଲ୍ ଗୁଣ । ଏହାକୁ ଖାଇବା ଦ୍ୱାରା ବିଭିନ୍ନ ପ୍ରକାର ତ୍ୱଚା ରୋଗରୁ ମୁକ୍ତି ମିଳେ । ସଜନାଶାଗ ସୁପ୍ ପିଇଲେ ରକ୍ତ ପରିଷ୍କାର ହେବା ସହ ତ୍ୱଚା ଚିକ୍କଣ ଦେଖାଯାଏ । ମହିଳାଙ୍କ ଋତୁଚକ୍ରରେ ଅନିୟମିତତା ଦେଖାଦେଲେ ସଜନା ଶାଗ ଖାଇବା ଉଚିତ । ସଜନା ଶାଗ ଖାଇବା ଦ୍ୱାରା ପିରିୟଡ୍ ସମୟରେ ହେଉଥିବା ପେଟ ଯନ୍ତ୍ରଣା କମ୍ ହୋଇଥାଏ । ଏହା ଗର୍ଭାଶୟକୁ ସୁସ୍ଥ ରଖିବା ସହ ଯୌନ ଜୀବନରେ ଉନ୍ମାଦନା ଭରିଦିଏ ।

ମହିଳାମାନେ ଗର୍ଭାବସ୍ଥାରେ ସଜନା ଶାଗ ଖାଇଲେ ଶିଶୁ ଜନ୍ମ ହେବା ବେଳେ ଦେଖା ଦେଉଥିବା ସମସ୍ତ ସମସ୍ୟାରୁ ମୁକ୍ତି ମିଳିଥାଏ । ସେହିପରି ଥଣ୍ଡା, କାଶ ଓ କଫ ସଜନା ଖାଇବା ଦ୍ୱାରା ଦୂର ହୁଏ । ଥଣ୍ଡା ହୋଇଥିଲେ ସଜନା ଶାଗ ସୁପ୍ ପିଅନ୍ତୁ । ଏଥିରୁ ଶରୀରକୁ ଭିଟାମିନ୍ ସି, ଭିଟା କ୍ୟାରୋଟିନ୍ , ପ୍ରୋଟିନ ଓ ବିଭିନ୍ନ ପ୍ରକାର ଲବଣ ରହିଥାଏ । ଏହା ଶରୀରରେ ରୋଗ ପ୍ରତିରୋଧକ ଶକ୍ତି ବଢ଼ାଇଥାଏ । ଥଣ୍ଡା ହୋଇଥିଲେ ସଜନା ଶାଗକୁ ପାଣିରେ ସିଝାଇ ଏହାର ବାମ୍ଫ ନେଲେ ନାକ ଖୋଲିବା ସହ ମୁଣ୍ଡ ବିନ୍ଧା ଦୂର ହୁଏ । ଆସ୍ଥମା ରୋଗୀ ପାଇଁ ସଜନା ସୁପ୍ ଖୁବ୍ ଭଲ । ସଜନା ଶାଗ ଖାଇଲେ ପାଚନ ଶକ୍ତି ବଢ଼ିଥାଏ । ସେହିପରି କୋଷ୍ଠକାଠିନ୍ୟ, ହୃଦରୋଗ ଜନିତ ସମସ୍ୟାର ଆଶଙ୍କାକୁ କମ୍ କରିବା ସହ ରୋଗ ପ୍ରତିରୋଧକ ଶକ୍ତି ବଢ଼ାଇଥାଏ । ସଜନା ଶାଗକୁ କଞ୍ଚା ଓ ଭଜା ମଧ ଖାଇ ପାରିବେ ।

ବିଭିନ୍ନ ରୋଗରୁ ମୁକ୍ତି ଦେଉଥିବା ସଜନା ଶାଗ ହେଉଛି ପ୍ରକୃତି ଦତ୍ତ ମହୋଷଧି । କେବଳ ଶାଗ ନୁହେଁ ସଜନା ଛୁଇଁ ମଧ ଅନୁରୂପ ଗୁଣରେ ଭରପୁର ।

# ଆପଣ ଜାଣନ୍ତି କି ?

- ଯୁକ୍ତରାଷ୍ଟ୍ର ଆମେରିକା ଟ୍ୟୁଲିଫ୍ ବ୍ୟବସାୟରେ ସବୁଠାରୁ ଅଗ୍ରଣୀ ।
- ତୁର୍କୀର ଜାତୀୟ ଫୁଲ ହେଉଛି ଟ୍ୟୁଲିଫ୍ ଫୁଲ ।
- ବିଶ୍ୱରେ ୩,୦୦୦ ପ୍ରଜାତିର ଟ୍ୟୁଲିଫ୍ ଫୁଲ୍ ଦେଖାଯାଏ ।
- ଇଉରୋପରେ ଟ୍ୟୁଲିପ୍ ଫୁଲକୁ ଶୁଭର ପ୍ରତୀକ ମନେ କରାଯାଇଥାଏ ।
- ବିଦେଶର ଅଧିକାଂଶ ରେଷ୍ଟୋରାଁରେ ଏକ ଫୁଲ ରହିବା ବାଧତାମୂଳକ ।
- 'ପୁଫର୍' ନାମକ ଏ ମାଛ ବିଷାକ୍ତ ମାଛ ଭାବେ ଜଣାଯାଏ ।
- ଏହି ମାଛଟି 'ବ୍ଲୋ ଫିସ୍' ଓ 'ବେଲୁନ୍ ଫିସ୍' ନାମରେ ମଧ ଜଣାଯାଏ । କାରଣ ଏହି ମାଛଟି ଅତ୍ୟଧିକ ମାତ୍ରାରେ ପାଣି ଶୋଷିନେଇ ନିଜ ଶରୀରକୁ ବେଲୁନ୍ ଭଳି ଫୁଲାଇ ପାରେ ।
- ସମୁଦ୍ର ଗର୍ଭରେ ପ୍ରାୟ ୧୨୦ ପ୍ରଜାତିର ମାଛ ଦେଖାଯାଆନ୍ତି । ସେମାନଙ୍କ ମଧରୁ ପ୍ରାୟ ୨୯ ପ୍ରଜାତି ମଧୁର ଜଳରେ ବାସ କରନ୍ତି ।
- ଜାପାନରେ ଏହି ମାଛଟି 'ଫଗୁ' ନାମରେ ଜଣାଯାଏ । ଏଥିରୁ ପ୍ରସ୍ତୁତ ଖାଦ୍ୟ ଖାଇବାକୁ ଜାପାନୀମାନେ ଖୁବ୍ ପସନ୍ଦ କରନ୍ତି । ଏହାକୁ ପ୍ରସ୍ତୁତ କରିବା ପାଇଁ ସେଫ୍‌ମାନେ ସ୍ୱତନ୍ତ୍ର ତାଲିମ ନେଇଥାନ୍ତି । ସେମାନେ 'ଫଗୁ ସେଫ୍' ନାମରେ ଜଣାଯାଆନ୍ତି । ଏହି ମାଛଟିର ଚର୍ମ ମୋଟା ଓ ଖଦଡିଆ ହୋଇଥିବାରୁ ଶତ୍ରୁମାନଙ୍କ କବଳରୁ ନିଜକୁ ରକ୍ଷା କରିଥାଏ ।

# କହିପାରିବେ କି ?

(୧) ମାଉଣ୍ଟ ବ୍ୟାଟେନ୍ କେବେ ଭାରତର ବଡଲାଟ ହୋଇ ଆସିଥିଲେ ?
(୨) ଭାରତ ସ୍ୱାଧୀନତା ଆଇନ ୧୯୪୭ ବ୍ରିଟିଶ ପାର୍ଲିଆମେଣ୍ଟରେ କେବେ ଅନୁମୋଦିତ ହେଲା ?
(୩) ସମ୍ବିଧାନ ପ୍ରଣୟନ ସଭାରେ କେଉଁ ବ୍ୟକ୍ତି ଚିଠା ପ୍ରସ୍ତୁତ କମିଟିର ଚେୟାରମ୍ୟାନ ଥିଲେ ?
(୪) ଚାର୍ଲସ ଉଡ୍‌ଙ୍କ ପାଠ୍ୟକ୍ରମ ସଂସ୍କାର ନିୟମ କେଉଁ ମସିହାରେ ପ୍ରଣୟନ କରାଯାଇଥିଲା ?
(୫) ସମ୍ବାଦ ବାହିକାର ସମ୍ପାଦକ କିଏ ଥିଲେ ?
(୬) 'ପାର୍ଶୀ' ଭାଷାକୁ କେଉଁମାନେ ଓଡ଼ିଶାରେ ରାଜଭାଷାର ମାନ୍ୟତା ଦେଇଥିଲେ ?
(୭) ୧୮୮୨ ରେ ଗଠିତ 'ଉତ୍କଳ ସଭା'ର ପ୍ରଥମ ସଭାପତି କିଏ ଥିଲେ ?
(୮) ଟି.ଇ ରେଭେନ୍‌ସା କେଉଁ ପଦବୀରେ ଥିଲେ ?
(୯) ଓଡ଼ିଶାର ପ୍ରଥମ ପ୍ରେସର ନାମ କ'ଣ ?
(୧୦) ଉତ୍କଳ ସମ୍ମିଳନୀର ପ୍ରଥମ ଅଧିବେଶନରେ ଅଭ୍ୟର୍ଥନା କମିଟିର ଅଧକ୍ଷ କିଏ ଥିଲେ ?

## JUMBLE WORDS

| | | | |
|---|---|---|---|
| 1) FLEAB | = | 6) NOCEL | = |
| 2) RLTUB | = | 7) TBNAET | = |
| 3) UPNATE | = | 8) PSOIGS | = |
| 4) CLPEAA | = | 9) HFETT | = |
| 5) GNIES | = | 10) BNUTL | = |

ଏହି ସମସ୍ତ ପ୍ରଶ୍ନର ଉତ୍ତର ସଂପାଦକ, "ସ୍ୱୀକାର", ଲେବର କଲୋନୀ ମୁଦିପଡ଼ା, ସମ୍ବଲପୁରଙ୍କ ଠିକଣାରେ ପଠାଇବାକୁ ଅନୁରୋଧ । ସମସ୍ତଙ୍କ ଜାଣିବା ପାଇଁ ସମସ୍ତ ପ୍ରଶ୍ନର ଉତ୍ତର ଆସନ୍ତା ସଂଖ୍ୟାରେ ଦିଆଯିବ ।

**ଗତ ସଂଖ୍ୟାର କହିପାରିବେ କି ?** ର ଉତ୍ତର **:-**

୧.ଚିତ୍ତରଂଜନ ଦାସ, ୨.୧୯୩୮, ୩.ସୁଭାଷ ଚନ୍ଦ୍ର ବୋଷ, ୪.ଆଜାଦ୍ ହିନ୍ଦ ଫୌଜର ସୈନ୍ୟମାନେ, ୫.୧୯୪୩ ନଭେମ୍ବର ୮, ୬.କ୍ୟାପେଟନ ଲକ୍ଷ୍ମୀ ସେହଗାଲ, ୭.ଜାପାନ, ୮.ବଲ୍ଲଭଭାଇ ପଟେଲ, ୯.୧୯୪୬ ଅଗଷ୍ଟ ୧୬, ୧୦. ଜବାହରଲାଲ ନେହେରୁ ।

***Jumble Words*** ର ଉତ୍ତର **:-**

(1) EYELID (2) INFORM (3) SLOSH (4) DAISY (5) KITTEN
(6) SWIVEL (7) GIZMO (8) AFTER (9) JOGGER (10) RELENT

# 'ପଶ୍ଚିମ ଓଡ଼ିଶାର ଗାନ୍ଧୀ' ନୃସିଂହ ଗୁରୁ

## ହେମନ୍ତ କୁମାର ମହାପାତ୍ର

ଯୁଗମାନବ ମହାତ୍ମାଗାନ୍ଧୀଙ୍କ ଆଦର୍ଶ ଓ ନୀତିର ଅନୁସରଣରେ ଓଡ଼ିଶାର ଯେଉଁ କେତେଜଣ ବ୍ୟକ୍ତି ଭାରତର ଯୁଗାନ୍ତକାରୀ ସ୍ୱାଧୀନତା ଆନ୍ଦୋଳନରେ ମୁଖ୍ୟ ଅଂଶଗ୍ରହଣ କରିଥିଲେ ଓ ଦୁର୍ଦ୍ଧର୍ଷ ବ୍ରିଟିଶ ସାମ୍ରାଜ୍ୟବାଦ ଓ ଔପନିବେଶବାଦର ଯବନିକା ଟାଣିଥିଲେ ସେଥିମଧ୍ୟରେ ନୃସିଂହ ଗୁରୁ ଅନ୍ୟତମ। ଛାତ୍ର ଜୀବନରୁ ସେ ଭାରତର ସ୍ୱାଧୀନତା ସଂଗ୍ରାମରେ ଝାସ ଦେଇଥିଲେ। ୧୯୨୧ରୁ ଭାରତ ସ୍ୱାଧୀନତା ପାଇବା ପର୍ଯ୍ୟନ୍ତ ସ୍ୱାଧୀନତା ଆନ୍ଦୋଳନ ସହ ନିଜକୁ ସଂପୃକ୍ତ କରିଥିଲେ। ଗାନ୍ଧିଜୀଙ୍କ ଆଦର୍ଶ, ନୀତି ଓ ବାଣୀକୁ ସେ ନିଷ୍ଠାର ସହ ପାଳନ କରୁଥିଲେ। ଆନ୍ଦୋଳନରେ ଭାଗ ନେଇ ବହୁ ଲୋକ ଯେପରି ଜେଲ ଯାଇଥିଲେ ଶ୍ରୀ ଗୁରୁ ମଧ ସେପରି ଜେଲ୍ ଯାଇଥିଲେ। କିନ୍ତୁ ତାଙ୍କର ବଡ଼ ପଣିଆ ହେଉଛି ସେ ଅନେକଙ୍କୁ ଏ ବିଷୟରେ ଅନୁପ୍ରାଣିତ କରିଥିଲେ। ସେ ଥିଲେ ସଂଗ୍ରାମୀଙ୍କ ନେତା। ଦୈନନ୍ଦିନ ଜୀବନରେ ଗାନ୍ଧିଜୀଙ୍କ ଅନୁରୂପ ବେଶଭୂଷା ପରିଧାନ ସହ ବିଦେଶୀ ପ୍ରସ୍ତୁତ ପଦାର୍ଥର ସମ୍ପୂର୍ଣ୍ଣ ବର୍ଜନ କରିଥିଲେ। ତାଙ୍କର ଏହି କଠୋର ବ୍ରତ ଯୋଗୁଁ ତାଙ୍କୁ ଗାନ୍ଧିଜୀଙ୍କ ପଟ୍ଟଶିଷ୍ୟ ବା 'ପଶ୍ଚିମ ଓଡ଼ିଶାର ଗାନ୍ଧୀ' ବୋଲି ଅଭିହିତ କରାଯାଏ।

ଅବିଭକ୍ତ ସମ୍ବଲପୁର ଜିଲ୍ଲାର ଶାସନ ଥାନା ଅନ୍ତର୍ଗତ ଗୁରୁପାଲି ଗ୍ରାମରେ ଜନ୍ମ ହୋଇଥିଲେ ନୃସିଂହ ଗୁରୁ। ପିତା ଗଣେଶରାମ ପରିବାରର ଇଷ୍ଟଦେବତା ନୃସିଂହନାଥଙ୍କ କୃପାରୁ ପୁତ୍ର ସନ୍ତାନ ଲାଭ କରିଥିବା ହେତୁ ପୁତ୍ରର ନାମକରଣ କରିଥିଲେ ନୃସିଂହ। ନିଜ ଗ୍ରାମରେ ଶିକ୍ଷା ବ୍ୟବସ୍ଥା ନ ଥିବାରୁ ଚାଟଶାଳୀ ଶିକ୍ଷାପରେ ବିଭିନ୍ନ ସ୍ଥାନକୁ ଯାଇ ନୃସିଂହ ମଧ ଇଂରାଜୀ ଶିକ୍ଷା ସମାପ୍ତିକଲେ। ତାଙ୍କର ଶିକ୍ଷାପ୍ରତି ଆଗ୍ରହ ଦେଖି ପିତା ତାଙ୍କର ନାମ ସମ୍ବଲପୁର ଜିଲ୍ଲା ସ୍କୁଲରେ ଲେଖାଇଲେ। ଜଣେ ମେଧାବୀ ଛାତ୍ର ଥିବା ନୃସିଂହ ଦଶମଶ୍ରେଣୀ ପଢୁଥିବା ସମୟରେ ସାରା ଭାରତ ବର୍ଷରେ ଅସହଯୋଗ ଆନ୍ଦୋଳନ ତେଜି ଉଠିଲା। ସେତେବେଳେ ଏକାଦଶ ଶ୍ରେଣୀ ପାସ କଲେ ହାଇସ୍କୁଲ ପାଠ ସରିଯାଉଥିଲା ଏବଂ ସେତିକି ପାଠ ପଢ଼ିଦେଲେ ଚାକିରୀର ଅଭାବ ନ ଥିଲା। ଜଣେ ଲୋକ ସେତିକି ପାଠରେ ଖୁବ୍ ଉଚ୍ଚ ଶିକ୍ଷିତ ଲୋକଙ୍କ ମଧ୍ୟରେ ଗଣା ହେଉଥିଲେ। ହାଇସ୍କୁଲ ପରୀକ୍ଷାରେ ପାସ୍ କରିଗଲେ ସେ କଥା ଖବର କାଗଜରେ ବାହାରୁଥିଲା। ସାରା ଓଡ଼ିଶାରୁ ହାତଗଣତି କେତେଜଣ ହାଇସ୍କୁଲ ପରୀକ୍ଷାରେ ପାସ୍ କରୁଥିଲେ। ଏପରି ପରିସ୍ଥିତିରେ ତାଙ୍କ ପରିବାରର ଲୋକମଧ ଆଶା କରିଥିଲେ ଯେ, ନୃସିଂହ ହାଇସ୍କୁଲ ପାସ୍‌କରି ଭଲ ଚାକିରୀ କଲେ ଘରର ଆର୍ଥିକ ଦୁର୍ଦ୍ଦଶା ସୁଧୁରିଯିବ। କିନ୍ତୁ ବିଧିର ବିଧାନ ବିଚିତ୍ର ଥିଲା। ୧୯୨୧ ମସିହା ଜାନୁଆରୀ ମାସରେ ମହାତ୍ମା ଗାନ୍ଧୀ ଇଂରେଜ ସରକାରଙ୍କ ଶୋଷଣ ବିରୁଦ୍ଧରେ ଆନ୍ଦୋଳନର ଡାକରା ଦେଲେ। ଏହାଛଡ଼ା ସେ ଏହି ଆନ୍ଦୋଳନରେ ଓକିଲ ତଥା ଛାତ୍ରମାନଙ୍କୁ ସାମିଲ ହେବା ପାଇଁ ଆହ୍ୱାନ ଦେଇଥିଲେ। ଗାନ୍ଧିଜୀଙ୍କର ଏହି ଆହ୍ୱାନ ପରେ ଦେଶରେ ଅସହଯୋଗ ଆନ୍ଦୋଳନ ବ୍ୟାପିଗଲା। ବଡ଼ ବଡ଼ ଓକିଲମାନେ କଚେରୀକୁ ଯିବା ବନ୍ଦ କରିଦେଲେ। ଛାତ୍ରମାନଙ୍କ ମଧ୍ୟରେ ମଧ ଜାଗରଣ ଖେଳିଗଲା। ନୃସିଂହଙ୍କ ଉପରେ ମଧ ଏହାର ପ୍ରଭାବ ପଡ଼ିଲା। ସେ ଆଉ ଥୟ ଧରି ରହିପାରିଲେ ନାହିଁ। ସହପାଠୀମାନଙ୍କ ସହ ଆନ୍ଦୋଳନ ବିଷୟରେ ଆଲୋଚନା କଲେ। କେତେ କହିଲେ ଏ ବର୍ଷ ପାଠପଢ଼ାଟା ସରିଯାଉ। ହାଇସ୍କୁଲ ପାଠ ଶେଷରେ ଆନ୍ଦୋଳନରେ ମିଶିବା ନ ହେଲେ ବାପା ମା'ଙ୍କ କଷ୍ଟ ଅର୍ଜିତ ଧନ ପାଣିରେ ପଡିଯିବ। ଏଥିପ୍ରତି ନୃସିଂହ ଭୃକ୍ଷେପ ନ କରି ପିତା ଗଣେଶରାମଙ୍କ ଆଶାକୁ ଧୂଳିସାତ୍ କରି ଭାରତର ମୁକ୍ତି ସଂଗ୍ରାମରେ ସକ୍ରିୟ ଅଂଶ ଗ୍ରହଣ କଲେ। ତାଙ୍କ ସାଙ୍ଗମାନେ ମିଶି ସମ୍ବଲପୁରର ବୁଢ଼ାରଜା ପାହାଡ଼ର ପାଦଦେଶରେ ଏକ ସଭା କରି ସ୍ଥିର କଲେ ଯେ, ଆଉ ଏ ଗୋଲାମୀ ପାଠ ପଢ଼ିବା ନାହିଁ। ଭାରତ ମା'ଙ୍କୁ ପରାଧୀନତା ବନ୍ଧନରୁ ମୁକ୍ତ କରିବା ପାଇଁ ଆନ୍ଦୋଳନରେ ଝାସ ଦିଆଯିବ।

ଜାନୁଆରୀ ୩ ତାରିଖ ୧୯୨୧ ମସିହାରେ ଛାତ୍ରମାନେ ଆଉ ଜିଲ୍ଲା ସ୍କୁଲକୁ ଗଲେ ନାହିଁ। ପ୍ରାୟ ୪୦ ଜଣ ଛାତ୍ର ଦଳ ବାନ୍ଧି ସହରସାରା ବୁଲି ଅସହଯୋଗ ଆନ୍ଦୋଳନର ବାର୍ତ୍ତା ପ୍ରଚାର କଲେ। ଏହା ଏକ ଅଭିନବ ଘଟଣା ଥିଲା। ସମ୍ବଲପୁରର ସ୍କୁଲ ଛାତ୍ରମାନେ ଆନ୍ଦୋଳନରେ ଭାଗ ନେବାରେ ସାରା ଭାରତରେ ଅଗ୍ରଣୀ ହୋଇଥିଲେ। ଏ ଘଟଣା ବଙ୍ଗଳାର ଏକ ମୁଖ୍ୟ ପତ୍ରିକା 'ସର୍ଭେଣ୍ଟ' ସମେତ ଅନ୍ୟାନ୍ୟ ସମ୍ବାଦପତ୍ରରେ ପ୍ରକାଶ ପାଇବାରୁ ସାରା ଦେଶର ଛାତ୍ର ସମାଜ ସ୍ତବ୍ଧ ହୋଇ ଯାଇଥିଲେ। ଛାତ୍ରମାନେ ନିଜର ଭବିଷ୍ୟତକୁ ଜଳାଞ୍ଜଳି ଦେଇ ବିଦ୍ୟାଳୟ ତ୍ୟାଗ ପୂର୍ବକ ସ୍ୱାଧୀନତା ଆନ୍ଦୋଳନରେ ଝାସ ଦେବା ଏହା ଭାରତବର୍ଷର ସର୍ବପ୍ରଥମ ଘଟଣା ବୋଲି କୁହାଯାଏ।

୧୯୨୧ ସାଲରେ ସମ୍ବଲପୁରର ଫ୍ରେଜରକ୍ଲବଠାରେ ଜାତୀୟ ବିଦ୍ୟାଳୟ ପ୍ରତିଷ୍ଠା କରାଗଲା। ଏଥିରେ ନୃସିଂହ ନିଜ ନାମ ଲେଖାଇ ଧନ୍ଦାମୂଳକ ଶିକ୍ଷା ପାଇଲେ ଓ ଜାତୀୟତାର ମନ୍ତ୍ରରେ ଦୀକ୍ଷିତ ହେଲେ। ବର୍ଷକ ପରେ ସେ ପରୀକ୍ଷାରେ କୃତକାର୍ଯ୍ୟ ହୋଇଥିଲେ। ଏହାପରେ ସେ ଗାନ୍ଧିଜୀଙ୍କ ରଚନାତ୍ମକ କାର୍ଯ୍ୟ- ଚରଖାରେ ସୂତାକାଟିବା, ଖଦୀବସ୍ତ୍ର ବୁଣିବା, ଛୁଆଁ ଅଛୁଆଁ ଭେଦଭାବ ଦୂର କରିବା କାମରେ ନିଜକୁ ସାମିଲ କରିଥିଲେ। ଝାରସୁଗୁଡ଼ାର ଲଇକେରା ଅଞ୍ଚଳରେ କର୍ମୀ ସଂଗଠନ ଓ ଖଦୀ ପ୍ରଚାରର ଦାୟିତ୍ୱରେ ଥିଲେ ନୃସିଂହ ଗୁରୁ। ଲଇକେରା ଥାନାର ଭାଲୁପତ୍ରାରେ ହାତକଟା ସୂତା ଉତ୍ପାଦନ ଏବଂ ସୂତା ସଂଗ୍ରହର କେନ୍ଦ୍ରଥିଲା। ସେ ଅଞ୍ଚଳର ଅଘରିଆ ଜାତିର ଲୋକଙ୍କ କପା ଚାଷ, ସୂତାକଟା ଓ ଲୁଗାବୁଣା ମୁଖ୍ୟ ପେଷା ଥିଲା। ଏଣୁ ଏ ଅଞ୍ଚଳରେ କଂଗ୍ରେସର କାର୍ଯ୍ୟକ୍ରମ ପ୍ରଚାର ଓ ପ୍ରସାରରେ କୌଣସି ଅସୁବିଧା ନ ଥିଲା।

୧୯୨୮ ମସିହାରେ ଗାନ୍ଧିଜୀ ଓଡ଼ିଶା ଗସ୍ତରେ ତାଙ୍କ ପତ୍ନୀ କସ୍ତୁରବା ଓ ଅନ୍ୟାନ୍ୟ ବଡ଼ ବଡ଼ ନେତାଙ୍କ ସହ ଆସି ସମ୍ବଲପୁରରେ ପହଞ୍ଚିଥିଲେ। ଏଠାରେ ଚନ୍ଦ୍ରଶେଖର ବେହେରାଙ୍କ ଘରେ ଗାନ୍ଧିଜୀ ଅତିଥି ହୋଇଥିଲେ। ସେମାନଙ୍କର ରହିବା, ଖାଇବା ଓ ସଭାସମିତି ଆୟୋଜନ କରିବା ନିମନ୍ତେ ନୃସିଂହଙ୍କୁ ଦାୟିତ୍ୱ ଦିଆଯାଇଥିଲା। ଅତିଥିବୃନ୍ଦ ଶ୍ରୀଗୁରୁଙ୍କ ଆତିଥ୍ୟରେ ଭୂୟସୀ ପ୍ରଶଂସା କରିଥିଲେ। ପୁନଶ୍ଚ ୧୯୩୪ ସାଲ ମେ ୫ ତାରିଖରେ ଗାନ୍ଧିଜୀଙ୍କ ସମ୍ବଲପୁରକୁ ହରିଜନ ଗସ୍ତରେ ଆସିଥିଲା ବେଳେ ନୃସିଂହ ଗୁରୁ ଜନସାଧାରଣଙ୍କ ଠାରୁ ନଅଶହ ଅଠାନବେ ଟଙ୍କା ଆଠଅଣା ସଂଗ୍ରହ କରି ତାଙ୍କୁ ଭେଟି ଦେଇଥିଲେ। ସେଇଠି ସେ ଅତି ନିକଟରୁ ଗାନ୍ଧିଜୀଙ୍କର ସମ୍ପର୍କରେ ଆସି ତାଙ୍କର ସରଳ ଜୀବନ ଓ ଉଚ୍ଚ ଚିନ୍ତାରେ ପ୍ରଭାବିତ ହୋଇଥିଲେ। କ୍ରମେ ତାଙ୍କ ଜୀବନ ଗାନ୍ଧିଜୀଙ୍କ ଛାଞ୍ଚରେ ପଡିଗଲା। ତାଙ୍କ ମନରେ ଦେଶ ପ୍ରେମର ଭାବନା ଦୃଢ଼ ହୋଇ ପୋଷାକ ପରିଚ୍ଛଦ ମଧ ବଦଳିଗଲା। ସେ କେବଳ ସ୍ୱଦେଶୀ ଦ୍ରବ୍ୟ ବ୍ୟବହାର କରିବାକୁ ଲାଗିଲେ। ଆଣ୍ଠୁ ଲୁଚା ଖଦଡ଼ ଝୁଲାମୁଣି ହେଲା ତାଙ୍କର ପୋଷାକ। ସେତେବେଳେ ଚିନିକଳଗୁଡାକ ବିଦେଶରେ ଥିଲା। ତେଣୁ ସେ ଚିନି ନ ଖାଇ ଗୁଡ଼ ଖାଇଲେ। ଛତାରେ ବିଦେଶୀ କଳ ତିଆରି କପଡ଼ା ଲାଗୁଥିଲା। ସେ ଛତା ବ୍ୟବହାର ନ କରି ତାଳପତ୍ର ପକ୍ଷିଆ ବ୍ୟବହାର କଲେ। ଜୋତା ମାଡ଼ିଲେ ନାହିଁ। ମଫସଲ ଅଞ୍ଚଳରେ ବିନା ଜୋତାରେ ଚଳିହେବ। କିନ୍ତୁ ସେ ସମ୍ବଲପୁର ସହରର ପିଚୁରାସ୍ତା ଉପରେ ପ୍ରଚଣ୍ଡ ଖରାଦିନେ ଖାଲି ପାଦରେ ଚାଲିଚାଲି ଯାଉଥିଲେ।

ଗାନ୍ଧିଜୀ ନିଶା ନିବାରଣ ଉପରେ ଗୁରୁତ୍ୱ ଦେଉଥିବାରୁ ତାଙ୍କ ନିର୍ଦ୍ଦେଶ କ୍ରମେ ନୃସିଂହ ଗୁରୁ ଓ ତାଙ୍କ ସାଙ୍ଗମାନେ ନିଶା ନିବାରଣ ପାଇଁ ଜୋରସୋର ଉଦ୍ୟମ ଚଳାଇଥିଲେ। ସେମାନେ ମଦ ଭାଟି ଆଗରେ ଧାରଣା ଦେଇ ମଦ ପିଇବାକୁ କାହାକୁ ଛାଡ଼ି ନଥିଲେ। ଫଳରେ ୧୯୨୮-୨୯ ଏହି ଗୋଟିଏ ବର୍ଷରେ ସମ୍ବଲପୁରର ଅଧିକାଂଶ ମଦଭାଟି ବନ୍ଦ ହୋଇଗଲା। ବେପାରୀମାନେ ଲାଇସେନ୍ସ ଫେରାଇ ଦେଲେ। ମଦ ଦୋକାନରୁ ସରକାରଙ୍କ ରାଜସ୍ୱ ଆଦାୟ କମିଗଲା। ଏପରିକି ତତ୍କାଳୀନ ଡେପୁଟି କମିଶନରଙ୍କୁ ଚାକିରୀ ହରାଇବାକୁ ପଡ଼ିଥିଲା। ନିଶା ନିବାରଣ କ୍ଷେତ୍ରରେ ଏପରି ସଫଳତା ସାରା ଭାରତରେ ଆଉ କେଉଁଠି ଦେଖା ଯାଇ ନ ଥିଲା।

ନୃସିଂହ ଗୁରୁଙ୍କ ଜୀବନର ସବୁଠାରୁ ବଡ଼ କାମ ହେଉଛି ହରିଜନ ସେବା। ସେ ନୈଷ୍ଠିକ ଉତ୍କଳୀୟ ବ୍ରାହ୍ମଣ ପରିବାରରେ ଜନ୍ମ ହୋଇଥିଲେ ମଧ ହରିଜନମାନଙ୍କ ସେବା ଓ ସେମାନଙ୍କ ସାମାଜିକ ପ୍ରତିଷ୍ଠା ଦିଗରେ ସାରା ଜୀବନ ଉତ୍ସର୍ଗ କରିଥିଲେ। ଏପରିକି ପିତୃ ଶ୍ରାଦ୍ଧ ଦିନ ବ୍ରାହ୍ମଣ ମାନଙ୍କୁ ଭୋଜନ କରାଇବା ସହିତ ସେ ହରିଜନ ପିଲାମାନଙ୍କୁ ମଧ ତାଙ୍କ ଘରେ ଖାଇବାକୁ ଦେଉଥିଲେ। ଏଥିପାଇଁ ସେତେବେଳେ ସମାଜରେ ତାଙ୍କୁ ନାନା ପ୍ରକାର ତିରସ୍କାରର ସମ୍ମୁଖୀନ ହେବାକୁ ପଡିଥିଲା। ଠକ୍କର ବାପାଙ୍କ ନିର୍ଦ୍ଦେଶରେ ସେ ସମ୍ବଲପୁର ଜିଲ୍ଲା ହରିଜନ ସେବକ ସଂଘର ସଂପାଦକ ଥିଲେ। ଶ୍ରୀ ଗୁରୁ ଜନାର୍ଦ୍ଦନ ସୁପକାରଙ୍କ ଅମାର ଘରେ ଛାତ୍ରାବାସ ଖୋଲି ପରିବାର ସହ ସେଠାରେ ରହି ହରିଜନ ପିଲାଙ୍କ ତତ୍ତ୍ୱ ନେଉଥିଲେ।

ଲବଣ ସତ୍ୟାଗ୍ରହ ଓ ଆଇନ ଅମାନ୍ୟ ଆନ୍ଦୋଳନରେ ସମ୍ବଲପୁରର ନେତୃବୃନ୍ଦ ସକ୍ରିୟ ଅଂଶ ଗ୍ରହଣ କରିଥିଲେ। ସରକାରଙ୍କ ଲବଣ ଆଇନ ବିରୁଦ୍ଧରେ ସମ୍ବଲପୁରରେ ବିରାଟ ଶୋଭାଯାତ୍ରା ହୋଇଥିଲା। ଏହା ଉପରେ ପୋଲିସର ପ୍ରତିରୋଧ ପାଇଁ ହରତାଳ ପାଳନ କରା ଯାଇଥିଲା। ୧୯୩୦ ସାଲ ମାର୍ଚ୍ଚ ୧୯ ତାରିଖ ଦିନ ଅନ୍ୟାନ୍ୟ କର୍ମୀଙ୍କ ସହ ନୃସିଂହ ଗୁରୁଙ୍କୁ ଗିରଫ କରାଯାଇ କୋର୍ଟକୁ ଚାଲାଣ କରାଗଲା। ୧୯୩୨ ମସିହାରେ ସେ ଆଇନ ଅମାନ୍ୟ ଆନ୍ଦୋଳନ ଯୋଗୁଁ ଛମାସ ଜେଲ ଯାଇଥିଲେ ଓ ତାଙ୍କୁ ପାଞ୍ଚଶହ ଟଙ୍କା ଜୋରିମାନା ଦେବା ପାଇଁ ଆଦେଶ ହୋଇଥିଲା।

୧୯୩୬ ସାଲରେ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନ ବେଳେ ବ୍ରିଟିଶ ସରକାର ଓଡ଼ିଆ ଭାଷାଭାଷୀ ଅଞ୍ଚଳ ଫୁଲଝର, ବିନ୍ଦ୍ରାନୁଆଁଗଡ଼, ବସ୍ତର, ରାୟଗଡ଼ ଆଦି ମଧ୍ୟପ୍ରଦେଶରେ ମିଶାଇଦେବାରେ ସ୍ଥାନୀୟ ନେତୃବୃନ୍ଦ ଏହାର ତୀବ୍ର ପ୍ରତିବାଦ କରିଥିଲେ। ସ୍ୱତନ୍ତ୍ର ଓଡ଼ିଶା ଦିବସକୁ ପ୍ରତିବାଦ ଦିବସ ରୂପେ ପାଳନ କରିବାକୁ ନୃସିଂହ ଗୁରୁ ଜନସାଧାରଣଙ୍କୁ ନିବେଦନ କରିଥିଲେ।

ନୃସିଂହ ଗୁରୁ ସ୍ୱାଧୀନତା ଆନ୍ଦୋଳନରେ ନିଜକୁ ଉତ୍ସର୍ଗିତ କରି ପରିବାରର ସୁଖ ଦୁଃଖ, ବିପଦ ଆପଦରେ ଭାଗନେଇ ପାରି ନ ଥିଲେ। ୧୯୪୨ ଆନ୍ଦୋଳନ ସମୟରେ ତାଙ୍କର ସବାସାନ ଛଅବର୍ଷର କନ୍ୟା ଦିନେଶ୍ୱରୀର ଅସୁସ୍ଥତା ସତ୍ତ୍ୱେ ସେ ଜେଲକୁ ଗଲେ। ତିନି ଦିନ ପରେ ତା'ର ହଠାତ୍ ମୃତ୍ୟୁ ହେଲା। ଜେଲ କର୍ତ୍ତୃପକ୍ଷ ଝିଅର ଶେଷ ଦର୍ଶନ ପାଇଁ ନୃସିଂହ ଗୁରୁଙ୍କୁ ଅନୁମତି ଦେଲେ। ନୃସିଂହ ଗୁରୁ ପୋଲିସ ସହିତ ଆସି ଅଲିଅଳ କନ୍ୟାର ଶବ ଉପରେ ପୁଷ୍ପାଞ୍ଜଳି ଅର୍ପଣ କଲେ ଏବଂ ସେଠାରେ ଉପସ୍ଥିତ ଆତ୍ମୀୟମାନଙ୍କୁ ଅଶ୍ରୁଭରା ନୟନରେ ଅନାଇ ଦେଇ ପୋଲିସ ସହିତ ପୁଣି ଜେଲକୁ ଫେରିଗଲେ। ଶୋକ ସନ୍ତପ୍ତା ସ୍ତ୍ରୀ ବା ପରିବାରର ଅନ୍ୟମାନଙ୍କୁ ଟିକିଏ ସାନ୍ତ୍ୱନା ବି ଦେଇପାରିଲେ ନାହିଁ। ସେତେବେଳର ଏ କରୁଣ ଦୃଶ୍ୟ ସମ୍ବଲପୁରରେ ଚର୍ଚ୍ଚାର ବିଷୟ ହୋଇଥିଲା।

୧୯୪୨ ମସିହା ଜୁଲାଇ ୧୪ ତାରିଖରେ କଂଗ୍ରେସ କାର୍ଯ୍ୟକାରୀ କମିଟିର ବୈଠକରେ ଗୃହୀତ ଭାରତଛାଡ଼ ପ୍ରସ୍ତାବ ଅନୁଯାୟୀ ଅଗଷ୍ଟ ୯ ତାରିଖରେ ସାରା ଭାରତବର୍ଷରେ ଆନ୍ଦୋଳନ ବ୍ୟାପକରୂପ ଧାରଣ କଲା। ପଣ୍ଡିତ ଲକ୍ଷ୍ମୀନାରାୟଣ ମିଶ୍ର ବମ୍ବେ ଅଧିବେଶନରୁ ଫେରିବା ବାଟରେ ଗିରଫ ହେଲେ। ନୃସିଂହ ଗୁରୁ, ଦୟାନନ୍ଦ ଶତପଥି, ରାମରକ୍ଷା ଶୁକ୍ଲା ଓ ଦୁର୍ଗା ପ୍ରସାଦ ଗୁରୁଙ୍କୁ ଭାରତରକ୍ଷା ଆଇନବଳରେ ସମ୍ବଲପୁରଠାରେ ଗିରଫ କରାଗଲା। ନୃସିଂହ ଗୁରୁଙ୍କ ନାମରେ ପୋଲିସ ଏକ ମିଥ୍ୟା ମକଦ୍ଦମା କଲେ। ଯଦିଓ ସେ କୋର୍ଟରୁ ନିର୍ଦ୍ଦୋଷରେ ଖଲାସ ହେଲେ, ତଥାପି ତାଙ୍କୁ ଅଟକବନ୍ଦୀ ରୂପେ ରଖାଗଲା। ଉଣେଇଶ ମାସ ପରେ ସେ ଜେଲରୁ ମୁକ୍ତ ହେଲେ। ଜେଲରୁ ଫେରିବା ପରେ ବି ବ୍ରଜରାଜନଗର ଅଞ୍ଚଳରେ ପ୍ରବେଶ ପାଇଁ ତାଙ୍କ ଉପରେ ନିଷେଧାଜ୍ଞା ଜାରି କରାଗଲା। ସମାଜସେବା କ୍ଷେତ୍ରରେ ନୃସିଂହ ଗୁରୁଙ୍କ ଅବଦାନ ବିଶେଷ ଉଲ୍ଲେଖନୀୟ। ୧୯୨୨ ସାଲରେ ସମ୍ବଲପୁର ଜିଲ୍ଲାର କେତେକ ଅଞ୍ଚଳରେ ବିଶେଷତଃ ମାନପୁର ଗ୍ରାମରେ ହଇଜା ରୋଗର ପ୍ରାଦୁର୍ଭାବ ଦେଖାଗଲା। ଏ ସମ୍ବାଦ ପାଇବା ମାତ୍ରେ ନୃସିଂହ ଗୁରୁ ହୋମିଓ ପ୍ୟାଥିକ ଔଷଧ ସହ ବିଶୋଧନ ସାମଗ୍ରୀ ନେଇ ସେ ଅଞ୍ଚଳରେ ପହଞ୍ଚିଲେ। ଆକ୍ରାନ୍ତ ରୋଗୀଙ୍କ ଗୃହ, ଗ୍ରାମର କୂଅ, ପୋଖରୀ ବିଶୋଧନ କରି ଔଷଧ ଦେଇ ସେବାଶୁଶ୍ରୁଷା କରିବା ଫଳରେ ଲୋକେ ମୃତ୍ୟୁମୁଖରୁ ରକ୍ଷା ପାଇପାରିଥିଲେ।

ନୃସିଂହ ଗୁରୁଙ୍କ ନିଷ୍ଠା ଓ ଦେଶପ୍ରେମ ଦେଖି ଉତ୍କଳମଣି ଗୋପବନ୍ଧୁ ତାଙ୍କୁ 'ସମାଜ' ପତ୍ରିକାର ସାମ୍ବାଦିକ ଭାବେ ନିଯୁକ୍ତି ଦେଲେ। ସେ ୧୯୨୯ ମସିହାଠାରୁ ଜୀବନର ଶେଷ ପର୍ଯ୍ୟନ୍ତ ନିଷ୍ଠାରସହ ସାମ୍ବାଦିକ କାର୍ଯ୍ୟ କରିଥିଲେ। ଏହାଛଡ଼ା ସେ ଏସୋସିଏଟେଡ୍ ପ୍ରେସ୍ ଅଫ୍ ଇଣ୍ଡିଆ ଯାହାକି ପରବର୍ତ୍ତୀ ସମୟରେ 'ପ୍ରେସ୍ ଟ୍ରଷ୍ଟ ଅଫ୍ ଇଣ୍ଡିଆ' ନାମରେ ରୂପାୟିତ ହୋଇଥିଲା ସେଥିରେ ସେ ଦୀର୍ଘ ୨୦ ବର୍ଷ ଧରି କାର୍ଯ୍ୟ କରିଥିଲେ। ସମ୍ବଲପୁରର ସମ୍ବାଦଦାତା ସାମ୍ବାଦିକତା କ୍ଷେତ୍ରରେ ସେ ଜଣେ ଦକ୍ଷ, ନିର୍ଭୀକ ଓ ସଚ୍ଚୋଟ ସାମ୍ବାଦିକ ଭାବେ ନିଜକୁ ପ୍ରତିଷ୍ଠା କରିପାରିଥିଲେ। ଅନ୍ୟାୟ ବିରୁଦ୍ଧରେ ଲେଖନୀଚାଳନା କରିବାକୁ ସେ ଆଦୌ କୁଣ୍ଠାବୋଧ କରୁ ନ ଥିଲେ। ସେଥିପାଇଁ ତାଙ୍କୁ ଅନେକ ସମୟରେ ଅପମାନିତ ଲାଞ୍ଛିତ ହେବାକୁ ପଡିଛି, ଦୁଃଖ, ନିର୍ଯ୍ୟାତନା ସହ୍ୟ କରିବାକୁ ହୋଇଛି। ଏସବୁ ସତ୍ତ୍ୱେ ବି ସେ ସତ୍ୟପଥରୁ ଆଦୌ ବିଚ୍ୟୁତ ହୋଇ ନ ଥିଲେ।

ନୃସିଂହ ୧୯୦୨ ମସିହା ଫାଲଗୁନ ପୂର୍ଣ୍ଣିମାର ଆଲୋକରେ ଆସି ୧୯୮୪ ମସିହା ପୌଷ ବକୁଳ ଅମାବାସ୍ୟାର ଅନ୍ଧକାରରେ ଗୋପନରେ ଚାଲିଗଲେ ଆରପାରିକୁ। ତାଙ୍କ ତିରୋଧାନରେ ଯେଉଁ ଶୂନ୍ୟତା ସୃଷ୍ଟିହେଲା ତାହା ଅପୁରଣୀୟ। ତାଙ୍କ ବିୟୋଗରେ ଦେଶ ଜଣେ ସଚ୍ଚୋଟ ଗାନ୍ଧୀବାଦୀ, ସ୍ୱାଧୀନତା ସଂଗ୍ରାମୀ ଓ ସାମ୍ବାଦିକଙ୍କୁ ହରାଇଲା।

**ବରିଷ୍ଠ ସାମ୍ବାଦିକ, ମୁଦିପଡ଼ା,**
ସମ୍ବଲପୁର,
ମୋ.ନଂ- ୯୪୩୭୩୪୮୦୧୮

## ଗ୍ରାହକମାନଙ୍କ ପାଇଁ ବିଶେଷ ସୂଚନା

ସାପ୍ତାହିକ 'ସ୍ୱୀକାର' ନେବା ପାଇଁ ଆଗ୍ରହୀ ଗ୍ରାହକମାନେ ତାଙ୍କର ଦେୟ କାନାରା ବ୍ୟାଙ୍କ ସମ୍ବଲପୁର ଶାଖାର ଏକାଉଣ୍ଟ ନମ୍ବର ୦୧୮୫୨୦୧୦୨୧୫୩୮, ଆଇଏଫସି କୋଡ- ସିଏନ୍‌ଆର୍‌ବି ୦୦୦୦୧୮୫ ରେ ଏନଇଏଫଟି, ଆରଟିଜିଏସ୍ ମାଧ୍ୟମରେ ଜମା କରି ପାରିବେ।

## Subscription Rate of The Sweekar

| | | |
|---|---|---|
| Life Member | - | Rs.5000.00 |
| Annual | - | Rs. 500.00 |
| Half-yearly | - | Rs. 250.00 |
| Quarterly | - | Rs. 120.00 |

## Advertisement Tariff of The Sweekar

| | | |
|---|---|---|
| Full Page | - | Rs. 2,00,000.00 |
| Half Page | - | Rs. 1,00,000.00 |
| Quarter Page | - | Rs. 50,000.00 |

Colour Advertisement - 100% Extra

# କିଶୋର ମହାନ୍ତିଙ୍କ ସରଳତା ତାଙ୍କ ପରିଚୟ ଥିଲା : ମୁଖ୍ୟମନ୍ତ୍ରୀ





ଝାରସୁଗୁଡା : ଝାରସୁଗୁଡା ଜିଲ୍ଲାର ସର୍ବାଙ୍ଗୀନ ବିକାଶ ପାଇଁ ସ୍ୱର୍ଗତ କିଶୋର ମହାନ୍ତି ଅହରହ ଉଦ୍ୟମ କରୁଥିଲେ । ଏହାଛଡା ବିଜୁ ଜନତା ଦଳକୁ ସୁଦୃଢ଼ କରିବାରେ ତାଙ୍କର ବିଶେଷ ଅବଦାନ ଥିଲା । କିଶୋରଙ୍କ ସରଳତା ତାଙ୍କ ବଡ଼ ପରିଚୟ ଓ ସେଥିପାଇଁ ସେ ଦଳ ମତ ନିର୍ବିଶେଷରେ ସମସ୍ତଙ୍କର ପ୍ରିୟପାତ୍ର ହୋଇ ପାରିଥିଲେ ବୋଲି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କହିଛନ୍ତି । ଝାରସୁଗୁଡା ଜିଲ୍ଲାର ଲଢୁଆ ଜନନେତା ତଥା ବ୍ରଜରାଜନଗରର ପୂର୍ବତନ ବିଧାୟକ ସ୍ୱର୍ଗତ କିଶୋର କୁମାର ମହାନ୍ତିଙ୍କ ପ୍ରଥମ ଶ୍ରାଦ୍ଧବାର୍ଷିକୀ ଅବସରରେ ବ୍ରଜରାଜନଗର ନିକଟସ୍ଥ ଖଲିଆକାନୀ ଛକରେ ତାଙ୍କର ଏକ ପୂର୍ଣ୍ଣାବୟବ ପ୍ରତିମୂର୍ତ୍ତିକୁ ମୁଖ୍ୟମନ୍ତ୍ରୀ ଆଭାସୀ ମାଧମରେ ଉନ୍ମୋଚନ କରି ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ତୃଣମୂଳ ସ୍ତରରୁ ରାଜନୀତି ଆରମ୍ଭ କରି ସ୍ୱର୍ଗତ ମହାନ୍ତି ସରକାରୀ ମୁଖ୍ୟ ସଚେତକ, ଏମ୍.ପି, ପଶ୍ଚିମ ଓଡ଼ିଶା ବିକାଶ ପରିଷଦର ଅଧ୍ୟକ୍ଷ ଏବଂ ରାଜ୍ୟ ବିଧାନସଭାର ବାଚସ୍ପତି ମଧ ହୋଇ ତାଙ୍କର ଦକ୍ଷତା ପ୍ରତିବାଦିତ କରିଥିଲେ ।

ଏହି କାର୍ଯ୍ୟକ୍ରମରେ ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ନବ କିଶୋର ଦାସ ଯୋଗଦେଇ କହିଥିଲେ ଯେ, କିଶୋର ବାବୁ ତାଙ୍କ କାମ ପାଇଁ ସମସ୍ତଙ୍କର ପ୍ରିୟପାତ୍ର ଥିଲେ । ପଶ୍ଚିମ ଓଡ଼ିଶା

## କିଶୋରଙ୍କ ପ୍ରଥମ ଶ୍ରାଦ୍ଧବାର୍ଷିକୀ

ବିକାଶ ପରିଷଦର ଅଧ୍ୟକ୍ଷ ଭାବରେ ସେ ଅନେକ ଉନ୍ନୟନମୂଳକ କାର୍ଯ୍ୟ କରି ଯାଇଛନ୍ତି ।

ବ୍ରଜରାଜନଗର ବିଧାୟିକା ତଥା କିଶୋରଙ୍କ ଧର୍ମପତ୍ନୀ ଅଳକା ମହାନ୍ତି କହିଥିଲେ ଯେ, ତାଙ୍କ ସ୍ୱାମୀ ବ୍ରଜରାଜନଗର ତଥା ପଶ୍ଚିମ ଓଡ଼ିଶା ଲୋକଙ୍କ ହୃଦୟରେ ସବୁଦିନ ପାଇଁ ଅମର ହୋଇ ରହିବେ । ଏହାଛଡ଼ା ତାଙ୍କ ବାପା ଗୋଳକ ଚନ୍ଦ୍ର ମହାନ୍ତି, ପୁଅ ପୁରୁଷୋତ୍ତମ ମହାନ୍ତି, ଝିଅ ପ୍ରିୟମ୍ବଦା ମହାନ୍ତି, ଭାଇ ଦିଲ୍ଲୀପ ମହାନ୍ତି ଓ ଅଶୋକ ମହାନ୍ତି ମଧ ଏଥିରେ ଉପସ୍ଥିତ ଥିଲେ ।

ଏହାପରେ ମକର ଯାତ୍ରା ପଡିଆରେ ଏକ ବିଶାଳ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଥିଲା । ବରିଷ୍ଠସାମ୍ବାଦିକ ସତ୍ୟଜିତ ମିଶ୍ରଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି ସଭାରେ କିଶୋରଙ୍କ ପିତା ଗୋଲକ ଚନ୍ଦ୍ର ମହାନ୍ତି ଓ ଅନ୍ୟାନ୍ୟ ବରିଷ୍ଠ ନେତୃବର୍ଗ



ତାଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ କରି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ । ଏହି ଉପଲକ୍ଷେ କିଶୋରଙ୍କ ସ୍ମୃତିରେ ପ୍ରକାଶିତ ଏକ ସ୍ମରଣିକାକୁ ଉନ୍ମୋଚନ କରାଯାଇଥିଲା । ଓଡ଼ିଶାର ସ୍ୱନାମଧନ୍ୟ କଣ୍ଠଶିଳ୍ପୀ ଶ୍ରୀଚରଣ ମହାନ୍ତି ଓ ଅମିତ କୁମାର ସଙ୍ଗୀତ ମାଧମରେ କିଶୋରଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇଥିଲେ । ଏହି ସଭାରେ ରାଜ୍ୟ ଯୋଜନା ଓ ସଂଯୋଜନ ମନ୍ତ୍ରୀ ରାଜେନ୍ଦ୍ର ଢୋଲକିଆ, ଭଟଲି ବିଧାୟକ ସୁଶାନ୍ତ ସିଂହ, ତାଳଚେର ବିଧାୟକ ବ୍ରଜକିଶୋର ପ୍ରଧାନ, ରାଉରକେଲା ବିଧାୟକ ସାରଦା ପ୍ରସାଦ ନାୟକ, ଆପିକଲ ଅଧ୍ୟକ୍ଷ ପ୍ରଭାତ ଆଦିତ୍ୟ ମିଶ୍ର, ପୂର୍ବତନ ମନ୍ତ୍ରୀ ମଙ୍ଗଳା କିଷାନ ଓ ଯୋଗେନ୍ଦ୍ର ବେହେରା, ବରଗଡ଼ର ପୂର୍ବତନ ସାଂସଦ ଡକ୍ଟର ପ୍ରଭାସ ସିଂହ, ସମ୍ବଲପୁର ଉନ୍ନୟନ ପ୍ରାଧିକରଣର ପୂର୍ବତନ ଅଧକ୍ଷ ବିଜୟ ମହାନ୍ତି, ତଳସରାର ପୂର୍ବତନ ବିଧାୟକ ଡାକ୍ତର ପ୍ରଫୁଲ୍ଲ ମାଝୀ, ରେଙ୍ଗାଲିର ପୂର୍ବତନ ବିଧାୟକ ରମେଶ ପଟୁଆ, ଝାରସୁଗୁଡା ପୌର ପରିଷଦର ପୂର୍ବତନ ନଗରପାଳ ତାପସ ରାୟ ଚୌଧୁରୀ, ବ୍ରଜରାଜନଗର ପୌର ପରିଷଦର ପ୍ରାକ୍ତନ ନଗରପାଳ ନନ୍ଦ କିଶୋର ଅଗ୍ରୱାଲ, ଝାରସୁଗୁଡ଼ା ଜିଲ୍ଲା ଓକିଲ ସଂଘ ସଭାପତି ତ୍ରିନାଥ ଗୁଆଲ, ସମଲେଶ୍ୱରୀ ଟ୍ରଷ୍ଟ ବୋର୍ଡର ସଭାପତି ସଞ୍ଜୟ ବାବୁ, ଝାରସୁଗୁଡା ଜିଲ୍ଲା ବରିଷ୍ଠ ନାଗରିକ ସଂଘର ସମ୍ପାଦକ ଅର୍ଜୁନ ମୋର ପ୍ରମୁଖ ଏଥିରେ ଯୋଗ ଦେଇ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ । ଏହି କାର୍ଯ୍ୟକ୍ରମରେ ପ୍ରାୟ ୩୦ ହଜାରରୁ ଉର୍ଦ୍ଧ୍ୱ ଲୋକ ଯୋଗ ଦେଇ ସ୍ୱର୍ଗତ ମହାନ୍ତିଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ । ଗତ ଗୁରୁବାର ଦିନ ସ୍ୱର୍ଗତ ମହାନ୍ତିଙ୍କ ସ୍ମୃତିରେ ବ୍ରଜରାଜନଗର ମଣ୍ଡଳୀଆ ସ୍ଥିତ ଏମସିଏଲ କଲ୍ୟାଣ ମଣ୍ଡପ ପରିସରରେ ଆୟୋଜିତ ଏକ ରକ୍ତଦାନ ଶିବିରରେ ୭୩୯ ୟୁନିଟ୍ ରକ୍ତ ସଂଗୃହୀତ ହୋଇଥିଲା ।

## ସର୍ବଦଳୀୟ ସଭାରେ କିଶୋର ମହାନ୍ତିଙ୍କୁ ଶ୍ରଦ୍ଧାଞ୍ଜଳି



ଝାରସୁଗୁଡ଼ା : ଝାରସୁଗୁଡ଼ା ମାଟିର ବିକାଶ ଲାଗି ସ୍ୱର୍ଗତ କିଶୋର ମହାନ୍ତି ଥିଲେ ସମର୍ପିତ । ମାଟି ପ୍ରତି ଭଲ ପାଇବା, ବାଛ ବିଚାର ନ କରି ଲୋକଙ୍କ ସେବା କରିବାର ମାନସିକତା ଓ ଉଦାରତା ତାଙ୍କର ଲୋକପ୍ରିୟତା ବୃଦ୍ଧି କରିଥିଲା । ସେ ନିର୍ବାଚନ ମଣ୍ଡଳୀ ଝାରସୁଗୁଡ଼ାରୁ ବ୍ରଜରାଜନଗରକୁ ପରିବର୍ତ୍ତନ କରିଥିଲେ ହେଁ ଲୋକେ ତାଙ୍କୁ ଗ୍ରହଣ କରି ନେଇ ବିପୁଳ ମତରେ ବିଜୟୀ କରାଇଥିଲେ । ସମସ୍ତ ରାଜନୈତିକ ସଂକୀର୍ଣ୍ଣତାରୁ ଉର୍ଦ୍ଧ୍ୱରେ ରହି କାର୍ଯ୍ୟ କରିବାର ସଦଗୁଣ ତାଙ୍କୁ ଆଜି ଅମର କରି ଯାଇଛି ବୋଲି ବକ୍ତାମାନେ ମତ ବ୍ୟକ୍ତ କରିଛନ୍ତି ।

ପୂର୍ବତନ ବାଚସ୍ପତି ତଥା ବ୍ରଜରାଜନଗର ଓ ଝାରସୁଗୁଡ଼ାର ପୂର୍ବତନ ବିଧାୟକ ସ୍ୱର୍ଗତ କିଶୋର କୁମାର ମହାନ୍ତିଙ୍କ ପ୍ରଥମ ଶ୍ରାଦ୍ଧ ବାର୍ଷିକୀ ଅବସରରେ ଏଠାରେ ଆୟୋଜିତ ସର୍ବ ଦଳୀୟ ଶ୍ରାଦ୍ଧ ସଭାରେ ବିଭିନ୍ନ ରାଜନୈତିକ ଦଳର ନେତା ଏବଂ କର୍ମୀ ଦିବଙ୍ଗତ ଜନନେତାଙ୍କ ପ୍ରତି ଗଭୀର ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ । ବିଜେଡ଼ିର ବରିଷ୍ଠ ନେତା ତାପସରାୟ ଚୌଧୁରୀଙ୍କ ସଂଯୋଜନାରେ ଅନୁଷ୍ଠିତ ସଭାରେ ସର୍ବ ଧର୍ମ ପ୍ରାର୍ଥନା କରାଯିବା ସହ କିଶୋର ମହାନ୍ତିଙ୍କ ସ୍ମୃତି ଚାରଣ କରାଯାଇଥିଲା । ସଭାରେ ବିଜେଡ଼ି ନେତା ସନ୍ଦୀପ ଅଓ୍ୱସ୍ଥି, ମନୋରଞ୍ଜନ ମହାପାତ୍ର, ବିଜେପି ନେତା ଟଙ୍କଧର ତ୍ରିପାଠୀ, ତ୍ରିନାଥ ଗୁଆଲ, ଶିକ୍ଷାବିତ୍ ଡକ୍ଟର ସରୋଜ କୁଅଁର, ବାଳଗୋବିନ୍ଦ ମିଶ୍ର, ମିତ୍ରଭାନୁ ସାହୁ, ତପସ୍ୱୀଲାଲ ତିୱାରୀ, ମନମୋହନ ପାଣ୍ଡେ ପ୍ରମୁଖ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ । ପ୍ରଶାନ୍ତ ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ ।

## ଏସ୍ଏମ୍ସି ଓ ଏମ୍ସିଏଲ୍ ମଧ୍ୟରେ ଏମ୍ଓୟୁ

ବୁର୍ଲା : ସମ୍ବଲପୁର ମହାନଗର ନିଗମ ଅଞ୍ଚଳରେ ସ୍ୱଚ୍ଛତା କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ପାଇଁ ସମ୍ବଲପୁର ମହାନଗର ନିଗମ ଓ ଏସ୍ଏମ୍ସି ମଧରେ ଏମ୍ଓୟୁ ସ୍ୱାକ୍ଷରିତ ହୋଇଛି । ଏନେଇ ଏମସିଏଲ୍ ପାରିପାର୍ଶ୍ୱିକ ଉନ୍ନୟନ ପାଣ୍ଠିରୁ ୩.୫୭ କୋଟି ଟଙ୍କା ସହାୟତା ପ୍ରଦାନ କରିବ । ଏମ୍ସିଏଲ୍ ଠାରେ ଅନୁଷ୍ଠିତ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଏସ୍ଏମ୍ସି ଆୟୁକ୍ତ ପ୍ରଦୀପ କୁମାର ସାହୁ ଏବଂ ଏମ୍ସିଏଲ୍ ପକ୍ଷରୁ ସାଧାରଣ ପରିଚାଳକ (ସିଏସ୍ଆର୍) ପି. କେ ପାଣିଗ୍ରାହୀ ଏମ୍ଓୟୁରେ ସ୍ୱାକ୍ଷର କରିଛନ୍ତି ।




## ଅତିଶ ଶତପଥୀ ପାଇଲେ ଉଦୟନ ନାଟ୍ୟ ସମ୍ମାନ



ସମ୍ବଲପୁର : ଜଣାଶୁଣା ଯୁବ ନାଟ୍ୟକାର ଅତିଶ କୁମାର ଶତପଥୀ ଚଳିତ ବର୍ଷର ଉଦୟନ ନାଟ୍ୟ ସମ୍ମାନ-୨୦୨୨ରେ ସମ୍ମାନିତ ହୋଇଛନ୍ତି । ଶ୍ରୀ ଶତପଥୀଙ୍କୁ ବୀର ସୁରେନ୍ଦ୍ର ସାଏ ରାଜ୍ୟସ୍ତରୀୟ ସମ୍ବଲପୁରୀ ନାଟକ ପ୍ରତିଯୋଗିତାର ଉଦ୍‌ଯାପନୀ ଉତ୍ସବରେ ଓଡ଼ିଶା ସଂଗୀତ ନାଟକ ଏକାଡେମୀର ସମ୍ପାଦକ ଶ୍ରୀ ପ୍ରବୋଧ ରଥ ଏହି ସମ୍ମାନରେ ସମ୍ମାନିତ କରିଛନ୍ତି । ଏଥିରେ ସମ୍ବଲପୁର ଅଦୃଶ୍ୟ ନାଟ୍ୟ ଆଶ୍ରମର 'ଝିଇ ଲେଉଟେନ୍' ଶ୍ରେଷ୍ଠ ନାଟକ ଭାବେ ବିବେଚିତ ହୋଇ ଏହାର ନିର୍ଦ୍ଦେଶକ ଶ୍ରୀ ଶତପଥୀଙ୍କୁ ମଧ ଶ୍ରେଷ୍ଠ ନିର୍ଦ୍ଦେଶକ ପୁରସ୍କାର ମିଳିଛି ।

## ସିଆଲଖଣ୍ଡହତା ହାଇସ୍କୁଲ ୧୯୬୧ ବ୍ୟାଚ୍‌ର ବନ୍ଧୁ ମିଳନ



ସମ୍ବଲପୁର : ସିଆଲଖଣ୍ଡହତା ହାଇସ୍କୁଲ ୧୯୬୧ ବ୍ୟାଚର ଛାତ୍ରମାନଙ୍କର ଏକ ବନ୍ଧୁ ମିଳନ ଅନୁଷ୍ଠିତ ହୋଇ ଯାଇଛି । ଏହି ଅବସରରେ ଶିକ୍ଷକ ଶ୍ରୀ ପରୀକ୍ଷିତ ମିଶ୍ରଙ୍କୁ ସମ୍ମାନିତ କରାଯାଇଥିଲା । ଗତ ସେପ୍ଟେମ୍ବର ମାସରେ ଏହି ବେଚର ଛାତ୍ର ମାନସ ରଞ୍ଜନ ବେହେରାଙ୍କ ବିୟୋଗ ସକାଶେ ଏକ ମିନିଟ୍ ନୀରବ ପ୍ରାର୍ଥନା କରାଯାଇଥିଲା । ଏଥିରେ ସର୍ବଶ୍ରୀ ଉଦ୍ଧବ ମହାପାତ୍ର, କଳାକାହ୍ନୁ ମହାପାତ୍ର, ସାହେବ ଭୋଇ, ଯୋଗେନ୍ଦ୍ର ଭୋଇ, ମନୋହର ସାହୁ, ରଘୁନାଥ ପଣ୍ଡା, ଉତ୍ତମ ପୁରୋହିତ, ଶଶି ଭୂଷଣ ପାଣିଗ୍ରାହୀ, ଆଦି ଛାତ୍ରମାନେ ଅଂଶ ଗ୍ରହଣ କରିଥିଲେ । ଶିକ୍ଷକ ଶ୍ରୀ ମିଶ୍ରଙ୍କର ସଂକ୍ଷିପ୍ତ ଅଭିଭାଷଣ ପରେ ଉଦ୍ଧବ ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ । ପରବର୍ତ୍ତୀ ସମାବେଶ ଆସନ୍ତା ଫେବୃୟାରୀ ଶେଷ ଆଡ଼କୁ ହେବ ବୋଲି ପ୍ରସ୍ତାବ ଗୃହୀତ ହୋଇଥିଲା ।

## ବିଶ୍ରାମ୍ ବିଦ୍ୟାମନ୍ଦିରର ୨୪ତମ ବାର୍ଷିକ କ୍ରୀଡ଼ା ଉତ୍ସବ



ବଲାଙ୍ଗୀର: ବିଶ୍ରାମ ବିଦ୍ୟାମନ୍ଦିର ୨୪ତମ ବାର୍ଷିକ କ୍ରୀଡ଼ା ମହୋତ୍ସବ ଅନୁଷ୍ଠିତ ହୋଇ ଯାଇଛି । ଏହି କାର୍ଯ୍ୟକ୍ରମରେ ସ୍ୱାମୀ ସତ୍ୟପ୍ରଜ୍ଞାନନ୍ଦ ସରସ୍ୱତୀ ମୁଖ୍ୟ ଅତିଥି ରୂପେ ଯୋଗ ଦେଇ ଛାତ୍ର-ଛାତ୍ରୀମାନଙ୍କ ଶାରୀରିକ, ମାନସିକ ତଥା ବୌଦ୍ଧିକ ବିକାଶପାଇଁ କ୍ରୀଡ଼ା ଅତୀବ ମହତ୍ତ୍ୱପୂର୍ଣ୍ଣ ବୋଲି କହିଥିଲେ । ଏହି ଅବସରରେ ପରିଷଦର ସାଧାରଣ ସମ୍ପାଦକ ସ୍ୱାମୀ ସତ୍ୟବେଦାନନ୍ଦ ସରସ୍ୱତୀ, ବିଦ୍ୟାମନ୍ଦିରର ସଭାପତି ଗଜେନ୍ଦ୍ର ତ୍ରିଭୁବନଦାସ ଭମ୍ଭର, ସମ୍ପାଦକ ନବୀନ କୁମାର ବେଦବାକ, ନିର୍ଦ୍ଦେଶିକା ମାଁ ଶ୍ରଦ୍ଧାମୂର୍ତ୍ତି, ପ୍ରଧାନ ଆଚାର୍ଯ୍ୟ ଶ୍ରୀ ତରୁଣ କୁମାର ତ୍ରିପାଠୀ ସମ୍ମାନିତ ଅତିଥି ଭାବରେ ଯୋଗ ଦେଇଥିଲେ । ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟ ତଥା ଆନ୍ତଃବିଦ୍ୟାଳୟସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । ବାଳକ ବିଭାଗରେ ରାହୁଲ ବଗର୍ତ୍ତୀ ଗ୍ରୁପ୍ ଚ୍ୟାମ୍ପିୟାନ ହୋଇଥିବା ବେଳେ, ବାଳିକା ବିଭାଗରେ ମାମା ଶା ଗ୍ରୁପ୍ ଚ୍ୟାମ୍ପିୟାନ୍ ହୋଇ ପୁରସ୍କୃତ ହୋଇଥିଲେ । ଏହି କାର୍ଯ୍ୟକ୍ରମରେ ବିଶିଷ୍ଟ କ୍ରୀଡାବିତ୍ ସୁନୀଳ ବିଶ୍ୱାଳ, ବିଦ୍ୟାମନ୍ଦିରର କ୍ରୀଡ଼ାଶିକ୍ଷକ ଶ୍ରୀ ବିମଳ ସ୍ୱାଇଁ, ଶ୍ରୀ ସୁଖରାଜ ବିଶ୍ୱାଳ, ଶ୍ରୀ ମନୋରଞ୍ଜନ ହୋତା, ଶ୍ରୀ ବୀରକିଶୋର ପଣ୍ଡା, ଶ୍ରୀମତୀ ପ୍ରଣିତା ପାଣିଗ୍ରାହୀ, ସୁଶ୍ରୀ ସସ୍ମିତା ମିଶ୍ର, ଶ୍ରୀ ସଂଗ୍ରାମ ବହିଦାର, ଶ୍ରୀ ଭୁପିନ୍ଦର ସିଂ ଏବଂ ଅଭିଜିତ ମିଶ୍ର ପ୍ରମୁଖ କ୍ରୀଡ଼ା- ପରିଚାଳନା କରିଥିଲେ । ଉଦ୍‌ଯାପନୀ ଉତ୍ସବରେ ବିଭିନ୍ନ ବିଭାଗରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ର-ଛାତ୍ରୀମାନଙ୍କୁ ପୁରସ୍କୃତ କରାଯାଇଥିଲା ।

Printed, Published and Owned by Hemanta Kumar Mahapatra, Printed at Impressions Press, Sambalpur, Office Phone: 0663- 2950945
e-mail: hemantamahapatra@yahoo.com Editor : Hemanta Kumar Mahapatra